ଓଡ଼ିଶାର ଆଦିବାସୀ ପର୍ବପର୍ବାଣି ଓ କର୍ମକର୍ମାଣି

( ୨ )

# କୁଟିଆ କନ୍ଧ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

ଭୁବନେଶ୍ୱର, ଓଡ଼ିଶା

ଆଦିବାସୀ ପର୍ବପର୍ବାଣି ଓ କର୍ମକର୍ମାଣି (୨)

# କୁଟିଆ କନ୍ଧ

ପ୍ରକାଶକ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ - ୧
ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ବିଜୟା ଦଶମୀ, ୨୦୦୧

ମୁଦ୍ରକ : ପ୍ରିଣ୍ଟେକ୍ ଭିଜନ୍, ୪୪୭, ଶହୀଦ୍ ନଗର, ଭୁବନେଶ୍ୱର

ମୂଲ୍ୟ : ଟ. ୩୫.୦୦

ISBN - 81 - 88010 - 03 - 0

Tribal Rituals and Festivals (2)

**KUTIA KONDH**

**Publisher :** Academy of Tribal Dialects & Culture
ST & SC Development Department
Adivasi Exhibition Ground
Unit - 1, Bhubaneswar - 751009
Price : Rupees Thirty Five only

[The study was carried out with financial assistance received from the Ministry of Human Resource Development (Deptt. of Culture), Govt. of India in 1992-93.]

# ମୁଖବନ୍ଧ

ଭାରତ ସରକାରଙ୍କର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ୧୯୯୨-୯୩ ଆର୍ଥିକ ବର୍ଷରେ ଓଡ଼ିଶାର ଆଦିମ ଜନଜାତିମାନଙ୍କର ପର୍ବପର୍ବାଣି ଓ କର୍ମକର୍ମାଣି ଉପରେ ଏକ ପ୍ରକଳ୍ପ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀକୁ ଅନୁଦାନ ସ୍ୱରୂପ ଦେଇଥିଲେ । ଏକାଡେମୀର ତଦାନୀନ୍ତନ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଏହି ପ୍ରକଳ୍ପ ସମ୍ପନ୍ନ କରାଯାଇଥିଲା । ପ୍ରଥମ ଚରଣରେ ଶ୍ରୀ ବିଷ୍ଣୁ ପ୍ରସାଦ ମହାରଣା ଓ ଶ୍ରୀ ଦିଲ୍ଲୀପ ରାୟ କ୍ଷେତ୍ର ଅଧ୍ୟୟନ ଏବଂ ଆବଶ୍ୟକ ତଥ୍ୟ ସଂଗ୍ରହ ପୂର୍ବକ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଏହି ରିପୋର୍ଟ ପ୍ରସ୍ତୁତି ପାଇଁ ସଂପୃକ୍ତ ଅଂଚଳରେ ଅବସ୍ଥାପିତ କଲ୍ୟାଣ ବିଭାଗର ଅଧିକାରୀମାନଙ୍କ ସହଯୋଗ ମିଳିଥିଲା । ପ୍ରାଥମିକ ରିପୋର୍ଟ ପରେ ସେହି ଜନଜାତିଙ୍କ ପର୍ବପର୍ବାଣି ଉପରେ ଭିଡ଼ିଓ ଚିତ୍ର ଉତ୍ତୋଳନ କରାଯାଇ ଏହାକୁ ପରିବର୍ଦ୍ଧିତ ଓ ପରିମାର୍ଜିତ କରାଯାଇଥିଲା । ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ପରେ ପରବର୍ତ୍ତୀ ନିର୍ଦ୍ଦେଶକ ପ୍ରଫେସର କୃଷ୍ଣ କୁମାର ମହାନ୍ତି ପାଣ୍ଡୁଲିପିର ଆବଶ୍ୟକ ପରିମାର୍ଜନ କରିଥିଲେ ।

ଏକାଡେମୀର ପରିଚାଳନା ସଂସଦ ଏହି ପାଣ୍ଡୁଲିପିର ଭାଷାଗତ ପରିବର୍ତ୍ତନ ପାଇଁ ମତବ୍ୟକ୍ତ କରିବାରୁ ବି.ଜେ.ବି. ମହାବିଦ୍ୟାଳୟର ପ୍ରାଧ୍ୟାପକ ଶ୍ରୀଯୁକ୍ତ ଶଶିଭୂଷଣ ବିଶ୍ୱାଳଙ୍କ ଦ୍ୱାରା ପରିମାର୍ଜନ

କରାଗଲା । ଓଡ଼ିଶାର ଆଦିମ ଆଦିବାସୀମାନଙ୍କର ପର୍ବପର୍ବାଣି ଓ କର୍ମକର୍ମାଣି ଉପରେ ଉପରୋକ୍ତ ଜନଜାତିମାନଙ୍କର ସମ୍ମିଳିତ ସଂକଳନ ଏକତ୍ର ପ୍ରକାଶ କରିବାର ଯୋଜନା ଥିଲା । ମାତ୍ର ପୁସ୍ତକର କଳେବର ବୃଦ୍ଧି ଯୋଗୁଁ ପ୍ରତ୍ୟେକ ଗୋଷ୍ଠୀ ଉପରେ ସ୍ୱତନ୍ତ୍ର ପୁସ୍ତିକାମାନ ସିରିଜ୍ ହିସାବରେ ପ୍ରକାଶ କରାଯିବାର ସ୍ଥିର ହେଲା । ସିରିଜ୍‌ର ପ୍ରଥମ ଭାଗ ଡଙ୍ଗରିଆ କନ୍ଧ ମାନଙ୍କ ପର୍ବପର୍ବାଣି ଓ କର୍ମକର୍ମାଣି ଉପରେ ପ୍ରକାଶିତ ହୋଇଥିବାବେଳେ ଦ୍ୱିତୀୟ ଭାଗରେ "କୁଟିଆ କନ୍ଧ"ଙ୍କ ପର୍ବପର୍ବାଣି ଓ କର୍ମକର୍ମାଣିକୁ ନିଆଯାଇଛି ।

ଆଦିବାସୀ ସଂସ୍କୃତିର ଦ୍ରୁତତର ପରିବର୍ତ୍ତନ ହେବାରେ ଲାଗିଛି । ଗତ କାଲି ଯାହା ଥିଲା ଆଜି ତାହା ସ୍ୱପ୍ନବତ୍ । ଏହି ପରମ୍ପରା ଅବ୍ୟାହତ ରହିଲେ ଆଗାମୀ ଦଶନ୍ଧି ଭିତରେ ସେମାନଙ୍କର ସଂସ୍କୃତି, ବିବର୍ତ୍ତିତ ପ୍ରେକ୍ଷାପଟରେ ଏକ ନୂତନ ରୂପ ପରିଗ୍ରହଣ କରିସାରିଥିବ । ଶିକ୍ଷା ଏବଂ ବିକାଶ ପ୍ରକ୍ରିୟାର ସାଧନ ସାମଗ୍ରୀ ଗୁଡ଼ିକର ଅନୁପ୍ରବେଶ ଏହି ବିବର୍ତ୍ତନର ମୁଖ୍ୟ କାରଣ । ଏ ପରିବର୍ତ୍ତନ କେବଳ ସେମାନଙ୍କ ସ୍ତରରେ ନୁହେଁ ସମଗ୍ର ଦେଶରେ ଏହାର ଧାରା ପ୍ରବାହିତ । ତେବେ ଏ ପରିବର୍ତ୍ତନର ସ୍ରୋତରେ ଆଦିବାସୀ ସଂସ୍କୃତି ସମ୍ପୂର୍ଣ୍ଣ କବଳିତ ହୋଇଯିବା ପୂର୍ବରୁ ତାଙ୍କର ସେହି ମହାନ ପରମ୍ପରାକୁ ଲିଖିତ ରୂପରେ ସଂକଳିତ କରିରଖିବା ଆମର ଜାତୀୟ କର୍ତ୍ତବ୍ୟ । ଦିନ ଆସିବ ସେମାନେ ତାଙ୍କ ମୂଳ ପରମ୍ପରାକୁ ପୁଣି ଖୋଜି ବସିବେ, ଏବଂ ଏହି ସଂକଳିତ ରୂପ ସେ ପରମ୍ପରାକୁ ଉଖାରିବାରେ ସହାୟକ ହେବ ନିଶ୍ଚୟ ।

ଆଦିବାସୀ ସମାଜରେ ପର୍ବ ପର୍ବାଣି ଓ କର୍ମକର୍ମାଣି ମଧ୍ୟରେ ଭିନ୍ନତା ବାରିବା କଷ୍ଟସାଧ୍ୟ । ଉଭୟର କାର୍ଯ୍ୟଧାରା ପ୍ରାୟତଃ ସମାନ । ଦେବାଦେବୀଙ୍କ ତୁଷ୍ଟି ବିଧାନ ଉଭୟତ୍ର ପରିଲକ୍ଷିତ । ତେବେ ବ୍ୟକ୍ତି ଓ ପରିବାର ମଧ୍ୟରେ କର୍ମ କର୍ମାଣିର ଧାରା କେନ୍ଦ୍ରୀଭୂତ ହୋଇଥିବା ବେଳେ ପର୍ବପର୍ବାଣି ଗାଁ ସରହଦ ବାହାରେ ମଧ୍ୟ ଖୁବ୍ ବ୍ୟାପ୍ତ । ପ୍ରତ୍ୟେକ କ୍ଷେତ୍ରରେ ଆଦିବାସୀ ପରିବାର ଖର୍ଚ୍ଚ କରିବାରେ ମୁକ୍ତ ହସ୍ତ । ଋଣ କରି ସର୍ବସ୍ୱାନ୍ତ ହେବାକୁ ପଛୁ ପଛକେ ଏହା ମୂଳରେ ଥିବା ମାନସିକ ତୃପ୍ତି ତା ପାଇଁ ଏକ ମହାନ ବରଦାନ ସଦୃଶ । ଆତ୍ମିକ ଶାନ୍ତି ଓ ଦେବା ଦେବୀଙ୍କ ତୁଷ୍ଟି ବିଧାନ ପାଖରେ ଅନ୍ୟାନ୍ୟ ଜିନିଷ ତୁଚ୍ଛ । ଗାଁର ସାମୂହିକ ମଙ୍ଗଳରେ ହିଁ ବ୍ୟକ୍ତିର ମଙ୍ଗଳ । ତେଣୁ ପର୍ବ ପର୍ବାଣି ଓ କର୍ମ କର୍ମାଣି ଭିତରେ ସଂଘୀୟ ବ୍ୟବସ୍ଥାର ଏକ ସାକାର ରୂପ ପରିଲକ୍ଷିତ ହେବା ସ୍ୱାଭାବିକ ।

ଶେଷରେ ପୁସ୍ତିକା ପ୍ରକାଶନର ପୃଷ୍ଠଭୂମିରେ ଯେଉଁମାନଙ୍କ ନିରବଚ୍ଛିନ୍ନ ପ୍ରେରଣା ରହିଆସିଛି ପ୍ରକାଶନ ଅବସରରେ ଏକାଡେମୀ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ

# ସୂଚୀପତ୍ର

## ଉପକ୍ରମଣିକା

## ପ୍ରଥମ ଭାଗ : ପର୍ବପର୍ବାଣି


| ବିଷୟ | | ପୃଷ୍ଠା |
|---|---|---|
| ୧. | ଗୁଡ଼ିଆ ଡାକନ୍ଦି ବା ନେଲା ଡାକନ୍ଦି | ୧ |
| ୨. | ବୁର୍ଲାଙ୍ଗା କାଲୁ | ୬ |
| ୩. | ସାପାଙ୍ଗେଡା ପେନୁ | ୮ |
| ୪. | ଟାକ୍ କାଲୁ | ୧୧ |
| ୫. | ଦୂର୍ଗା ପୂଜା ବା ଠାକୁରାଣୀ ପୂଜା | ୧୫ |
| ୬. | ଗଙ୍ଗିପେନୁ କାଲୁ | ୧୬ |
| ୭. | ପୁଣି କାଲୁ | ୧୮ |
| ୮. | ଚଇତି କାଲୁ | ୨୧ |
| ୯. | ମେରିଆ ପୂଜା ବା କେଡୁ ପୂଜା | ୨୮ |


## ଦ୍ବିତୀୟ ଭାଗ - କର୍ମକର୍ମାଣି


| | | |
|---|---|---|
| ୧. | ଜନ୍ମ ଉତ୍ସବ | ୩୬ |
| ୨. | ନାମ କରଣ | ୩୮ |
| ୩. | କାନ ଫୋଡା | ୩୮ |
| ୪. | ରଜଃ ପ୍ରାପ୍ତି | ୩୯ |
| ୫. | ବିବାହ | ୪୦ |
| | (କ) ପ୍ରସ୍ତାବିତ ବିବାହ | ୪୨ |
| | (ଖ) ଝିକାଟଣା ବିବାହ | ୪୫ |
| | (ଗ) ପ୍ରେମ ବିବାହ | ୪୬ |
| | (ଘ) ବହୁ ବିବାହ | ୪୮ |
| | (ଙ) ବିଧବା ବିବାହ | ୪୯ |
| ୬. | ମୃତ୍ୟୁ (ସାବନ୍ଦି/ସାରୋ) | ୫୩ |
| ୭. | ଗୃହ ନିର୍ମାଣ | ୫୬ |
| ୮. | ରୋଗବ୍ୟାଧି ନିରାକରଣ | ୫୮ |

ଘର ଗୁଡ଼ିକ ଲଗାଲଗି ଓ ନୁଆଁଣିଆ । ଗ୍ରାମ ମଝିରେ ଝାକ୍‌ରୀ (ଗ୍ରାମଦେବୀ)ଙ୍କ ପୂଜା ଆସ୍ଥାନ । କେତେକ ଗ୍ରାମରେ ଅଦ୍ୟାବଧି 'ଧାଙ୍ଗଡ଼ା ଘର' ଓ ଝିଅମାନଙ୍କ ପାଇଁ 'ଇଡ୍ରୁ' ପରିଲକ୍ଷିତ ।

ପୂର୍ବେ କୁଟିଆ ପୁରୁଷ ଲୋକମାନେ ଦେଢ଼ଫୁଟ ଲମ୍ବ ଏବଂ ଚାଖଣ୍ଡେ ଓସାରର ଖଣ୍ଡେ ଲୁଗା ପିନ୍ଧୁଥିଲେ । ଅଧିକାଂଶ ସ୍ଥଳରେ ସଂପ୍ରତି ଧୋତି, ଲୁଙ୍ଗି, ଗଞ୍ଜି, ଜାମା ର ବ୍ୟବହାର ହୋଇ ସାରିଲାଣି । ସ୍ତ୍ରୀ ଲୋକ ବ୍ଲାଉଜ ଏବଂ ସମ୍ବଲପୁରୀ କନ୍ତାଶାଢ଼ୀ ବ୍ୟବହାର କରିଲେଣି । ପୂର୍ବେ ଏମାନେ ଗୋଟିଏ ଛୋଟ କନାକୁ ବେକରେ ଗଣ୍ଠିପକାଇ ଆଣ୍ଠୁପର୍ଯ୍ୟନ୍ତ ଝୁଲାଇ ରଖୁଥିଲେ । ପିଠି ପଟ ମେଲାଥାଏ । ଅଣ୍ଟାରେ ଗୋଟାଏ ପତଳା ଲୁଗାକୁ ଗୁଡାଇ ପିନ୍ଧିବା ସହ ଆଉ ଗୋଟିଏ କନାକୁ ଆଣ୍ଠୁପର୍ଯ୍ୟନ୍ତ ଝୁଲାଉ ଥିଲେ । ମାତ୍ର ଏ ପ୍ରଥା ଆପାତତଃ ଲୋପ ପାଇବାକୁ ବସିଲାଣି, ତଥାପି ଲୁଗା ପିନ୍ଧିବାରେ ପୁରାତନ ଓ ନୂତନ ପରମ୍ପରାର ଏକ ମିଶିତ ଶୈଳୀ ପରିଲକ୍ଷିତ ହେଉଛି ।

ସେମାନେ ବହୁ ଦେବା ଦେବୀରେ ବିଶ୍ୱାସୀ । ଧରଣୀ ଦେବୀ ତାଙ୍କର ମୁଖ୍ୟ ଆରାଧ୍ୟ ଦେବୀ । ସମସ୍ତ ରୋଗ ବଇରାଗର କାରଣ ଧରଣୀ ଦେବୀ ଓ ପିତୃ ପୁରୁଷଙ୍କ ଯୋଗୁ ହୋଇଥାଏ ବୋଲି ବିଭିନ୍ନ ସମୟରେ ତାଙ୍କୁ ଆରାଧନା ପୂର୍ବକ ଭୋଗ ରାଗ ଅର୍ପଣ କରିଥାନ୍ତି । ଏଇ ପୂଜା ମହୋତ୍ସବର ମୁଖ୍ୟ କର୍ତ୍ତା ଓ କର୍ତ୍ତୀ ହେଲେ କାଳିସୀ ଓ ବେଜୁଣୀ । ରୋଗ ଚିହ୍ନି ତାର ପ୍ରତିବିଧାନ କରିବା ଏମାନଙ୍କର ପରମ କର୍ତ୍ତବ୍ୟ । ଏତଦ୍ ବ୍ୟତୀତ, ଜାନି, ଲାମ୍ବା, ପୂଜାରୀ, ପ୍ରଧାନ, ବାରିକଙ୍କ କୁଟିଆ କନ୍ଧ ସମାଜରେ ଭୂମିକା ସ୍ୱତନ୍ତ୍ର । ଏମାନେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ପରିବର୍ତ୍ତନ ସହ ସଂପ୍ରତି ଏମାନେ ଜଡ଼ିତ । ଆଧୁନିକତାର ଅନୁପ୍ରବେଶ ସହ ତାଙ୍କ ପାରମ୍ପରିକ ପ୍ରଥା ମଧ୍ୟ ସଂକଟ ଗ୍ରସ୍ତ ହେବାରେ ଲାଗିଛି ।

# ପ୍ରଥମ ଭାଗ
# ପର୍ବ-ପର୍ବାଣି

## ୧- ଗୁଡ଼ିଆ ଡାକନ୍ଦି ବା ନେଲାଡାକନ୍ଦି

ଗୁଡ଼ିଆ ବା ନେଲା, ଏହାର ଓଡ଼ିଆ ଅର୍ଥ ଅଞ୍ଚଳ ବା ଦେଶ ଡ଼ାକନ୍ଦି ର ଅର୍ଥ ପୂଜା, ତେଣୁ ଗୁଡ଼ିଆ ଡ଼ାକନ୍ଦି ବା ନେଲା ଡ଼ାକନ୍ଦିର ଅର୍ଥ ଅଂଚଳ ବା ଦେଶ ପୂଜା । କୁଟିଆମାନଙ୍କର ଗୋଟିଏ ଗ୍ରାମ ମଧରେ ଅଧିକୃତ ଅଞ୍ଚଳ ବା ପରିସର ପାଇଁ ଏହି ପୂଜା କରାଯାଇଥାଏ । ଗୁଡ଼ିଆ ଦେବତା ବା ଅଞ୍ଚଳ ଦେବତା ''ବାଙ୍ଗୁ ପେନୁ''ଙ୍କୁ କୁଡ଼ି ଲାଞ୍ଜୁରେ ଏହି ପୂଜା କରାଯାଇଥାଏ । ଏହି ପର୍ବ ବୈଶାଖ ମାସର ଯେ କୌଣସି ରବିବାର ଦିନ କୁଟିଆ ମାନେ ପାଳନ କରିଥାନ୍ତି । ପୂଜାର ଅବ୍ୟବହିତ ପୂର୍ବରୁ ପର୍ବ ଉପଲକ୍ଷେ ଗ୍ରାମରେ ଏକ ସଭା ଡ଼କାଯାଏ । ଗ୍ରାମ ମଧରେ ଥିବା ଧରଣୀ ପେନୁଙ୍କ ନିକଟରେ ଗ୍ରାମର ସମସ୍ତ ମୁଖିଆ, ବୟସ୍କ ଲୋକ ତଥା ଜାନି ଓ ମେମ୍ୱର ବସି ପର୍ବ ପାଇଁ କଣ କଣ ଜିନିଷ ଦରକାର, ଖର୍ଚ୍ଚର ପରିମାଣ, ପ୍ରତ୍ୟେକ ପରିବାର ପିଛା କେତେ ଲେଖାଁଏ ଚାନ୍ଦା ଆଦାୟ କରାଯିବ ତାହା ସ୍ଥିର କରିଥାନ୍ତି । ଉଲ୍ଲେଖନୀୟ ଯେ ଏ ସମସ୍ତ ପ୍ରସ୍ତୁତିକରଣ ବିଶେଷକରି ଗ୍ରାମ ଜାନି ଓ ଗ୍ରାମ ମୁଖିଆ ଉପରେ ନିର୍ଭର କରିଥାଏ । ଏହି ପର୍ବକୁ କୁଟିଆମାନେ ଗୋଟିଏ ଗ୍ରାମ ମଧରେ ଗୋଷ୍ଠୀଗତ ଭାବରେ ପାଳନ କରିଥାନ୍ତି ।

ଆଲୋଚନା କରିବାର ପରବର୍ତ୍ତୀ ଦିନ ପୂଜୋପକରଣ ଗୁଡ଼ିକୁ ସଂଗ୍ରହ କରିଥାନ୍ତି ।

ପୂଜୋପକରଣ

୧) ଗୋଟିଏ କଳା କୁକୁଡ଼ା (କାଡ଼ିନି କ'ରୁ) ।

୨) ଗୋଟିଏ ଘୁଷୁରି (ପାଜି) ।

୩) କାତୁଲ - (ଏକ ପ୍ରକାର ମଦ୍, ଏହା କୁଏରୀ ଚାଉଳରୁ ପ୍ରସ୍ତୁତ କରାଯାଏ । ଶୁକ୍ରବାର ଦିନଠାରୁ ପ୍ରସ୍ତୁତ କରିଥାନ୍ତି । ଗୋଟିଏ ହାଣ୍ଡି କାତୁଲ ପୂଜା ପାଇଁ ଯଥେଷ୍ଟ) ।

୪) ଅରୁଆ ଚାଉଳ - (ଅରୁଆ ପ୍ରାଙ୍ଗା) ଏକ ଅଡ଼ା ।

୫) ସାଦାଣୀ - ଏକ ପ୍ରକାର ଜଙ୍ଗଲି ଝୁଣା ।

୬) ନାଣିକ୍ ଲାଙ୍ଗା ବା ନାଣି (ଡ଼ିଆସିଲି ବା ନିଅାଁ) ।

୭) ଦଣକା - (ଜଙ୍ଗଲି ପତ୍ରରୁ ତିଆରି କେତୋଟି ଠୁଙ୍ଗା) ।

ଏ ସମସ୍ତ ଜିନିଷ ଶନିବାର ଦିନ ପ୍ରସ୍ତୁତ କରିଥାନ୍ତି । ଶନିବାର ଦିନ ରାତିରେ ଜାନି ତାର ସ୍ତ୍ରୀ ସଂଗ ରହିତ ହେବା ବିଧେୟ । କେତେକ ସ୍ଥାନରେ ଜାନିମାନେ (ପୂଜାରୀ) ଉକ୍ତ ଦିନ କୌଣସି ପ୍ରକାର ଆମିଷ ମଧ୍ୟ ଭକ୍ଷଣ କରନ୍ତି ନାହିଁ ।

## ପୂଜା ବିଧି

ରବିବାର ଦିନ ଅତି ସକାଳୁ ସମସ୍ତେ ନିଜ ନିଜର ନିତ୍ୟକର୍ମ ଶେଷକରି ପୂଜା ନିମନ୍ତେ ପ୍ରସ୍ତୁତ ହୋଇ ପଡ଼ନ୍ତି । ପ୍ରାୟ ସକାଳ ଆଠଟା ବା ନଅଟା ବେଳେ କୁଟିଆମାନେ ଦୁଜାହକା ହୋଇ ଏକତ୍ର ହୋଇଥାନ୍ତି । ସଙ୍ଗରେ କୁରାଢ଼ୀ କିମ୍ବା ଖାଡ ଧରି ଗ୍ରାମର ସବୁ ଲୋକ ପୂଜାସ୍ଥଳୀରେ ଉପସ୍ଥିତ ହୋଇଥାନ୍ତି । ମାତ୍ର ବୁଢ଼ା-ବୁଢ଼ୀମାନେ ପୂଜାକୁ ନ ଯାଇ ଘରେ ରହିଥାନ୍ତି । ଧାଙ୍ଗେଡ଼ାମାନେ ସଙ୍ଗରେ କୁରାଢ଼ୀ ଗୋଟିଏ ଗୋଟିଏ ଧରି ଯାଇଥାନ୍ତି ।

କୁଟିଆ କନ୍ଧମାନଙ୍କର ପ୍ରତ୍ୟେକ ଡଙ୍ଗର (ପାହାଡ଼)ରେ ଗୋଟିଏ ଗୋଟିଏ ବାଙ୍ଗୁପେନୁ ରହିଥାନ୍ତି । ବାଙ୍ଗୁପେନୁଙ୍କ ଆସ୍ଥାନକୁ ଲିକାଜାନି (ସହାୟକଜାନି ବା ଛୋଟଜାନି) ଗୋବରରେ ଲିପି ପରିଷ୍କାର କରିଥାଏ । ଲିପା ସ୍ଥାନରେ ଜାନି (ପୂଜାରୀ) ଅରୁଆ ଚାଉଳ ଗୁଣ୍ଡରେ ଗୋଟିଏ ଯନ୍ତ୍ର ତିଆରିକରି ପୂଜା କାର୍ଯ୍ୟ ଆରମ୍ଭ କରିଥାନ୍ତି । ଜାନି ପୂଜା କରିବା ସମୟରେ ସମବେତ ଧାଙ୍ଗେଡ଼ା ଧାଙ୍ଗେଡ଼ୀମାନେ ମିଳିତ ଭାବେ (ଗାଣି) ଗୀତ ବୋଲି ନୃତ୍ୟ ମଧ୍ୟ କରିଥାନ୍ତି । ଜାନିର ମନ୍ତ୍ର ସାଙ୍ଗକୁ ସମବେତ ସ୍ୱରରେ ଗୀତ ଗାନ ଦ୍ୱାରା ବାଙ୍ଗୁପେନୁ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଏମାନଙ୍କର ବିଶ୍ୱାସ । ଜାନି ମଧ୍ୟ ଖୁବ୍ ଉଚ୍ଚସ୍ୱରରେ ମନ୍ତ୍ରପାଠ କରୁଥାନ୍ତି । ଏହି କାର୍ଯ୍ୟରେ ଛୋଟଜାନି ମଧ୍ୟ ତାଙ୍କୁ ସାହାଯ୍ୟ କରିଥାନ୍ତି । ଯହା କେତେକ ଲୋକ ମଧ୍ୟ ତାଙ୍କ ପାଖରେ ରୁଣ୍ଡ ହୋଇଥାନ୍ତି ।

ପୂଜାରେ ଭୋଗ ନୈବେଦ୍ୟାଦି ଅର୍ପଣ କଲାପରେ ଜାନି କୁକୁଡ଼ା ଟିକୁ ଦୁଇହାତରେ ଧରନ୍ତି ଓ ତାକୁ ଅରୁଆ ଚାଉଳଗୁଣ୍ଡ ଖୁଆଇଥାନ୍ତି । କୁକୁଡ଼ା ଯେ ପର୍ଯ୍ୟନ୍ତ ଅରୁଆ ଚାଉଳଗୁଣ୍ଡ ନ ଖାଇଛି, ସେ ପର୍ଯ୍ୟନ୍ତ ତାକୁ ବଳି ପକାଇ ପାରିବେ ନାହିଁ । କୁକୁଡ଼ାଟି ଭଲରେ ନ ଖାଇଲେ ଠାକୁର ପୂଜାରେ ଅସନ୍ତୁଷ୍ଟ ଅଛନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ତାପରେ ଉପସ୍ଥିତ ଲୋକମାନେ କୁକୁଡ଼ାକୁ ଅନୁରୋଧ କରି ଅରୁଆ-ଚାଉଳଗୁଣ୍ଡ ଖାଇବାକୁ କହି ନମସ୍କାର କରିଥାନ୍ତି । ଏପରି କରିବା ଦ୍ୱାରା ସେମାନେ କୌଣସି ପ୍ରକାର କରିଥିବା ଦୋଷ ବାଙ୍ଗୁପେନୁ କ୍ଷମା କରିଥାନ୍ତି ବୋଲି ବିଶ୍ୱାସ କରିଥାନ୍ତି । କୁକୁଡ଼ାଟି ଅରୁଆ ଚାଉଳ ଖାଇବା ପରେ ଜାନି ବାଙ୍ଗୁପେନୁଙ୍କୁ ବଳି ପ୍ରଦାନ କରିଥାନ୍ତି । କୁକୁଡ଼ାଟିକୁ ବଳିଦେବା ସମୟରେ ଯଦି ବୋବାଏ କିମ୍ବା ଉଡ଼ିଯାଏ, ତେବେ ଏହା ଗ୍ରାମପ୍ରତି ଅଶୁଭ ସଙ୍କେତ ବୋଲି ସେମାନଙ୍କର ବିଶ୍ୱାସ । ତେଣୁ ବଳି ଦେବା ସମୟରେ ଖୁବ୍ ସତର୍କତାର ସହ ଜାନି କୁକୁଡ଼ାଟିକୁ ଧରିଥାନ୍ତି ।

କୁକୁଡ଼ାଟିକୁ ବଳିଦେବା ପରେ ଜାନି ପୁନର୍ବାର ମନ୍ତ୍ର ଉଚ୍ଚାରଣ କରନ୍ତି ଓ ଘୁଷୁରି (ପାଚ୍ଛି)କୁ ବଳିଦେବା ପାଇଁ ପ୍ରସ୍ତୁତ ହୋଇଥାନ୍ତି । ପ୍ରଥମେ ଘୁଷୁରି ମୁଣ୍ଡରେ ହଳଦି ଟୋପା ଲଗାଇ ଦିଅଯାଏ । ଘୁଷୁରିକୁ ଗୋଟିଏ କାଠ ଫାସରେ ଧରି ବଳି ଦିଆଯାଇଥାଏ । ଘୁଷୁରିକୁ ବଳିଦେବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ । ବଳି ଦେବା ସମୟରେ ସେ ଯେପରି କୁଆଡ଼େ ଚାଲି ନଯାଏ ସେଥି ପ୍ରତି ଦୃଷ୍ଟି ରଖା ଯାଇଥାଏ । ଯଦି କେଉଁ ଆଡ଼େ ଚାଲିଯାଏ ତେବେ ଏହା

ଦ୍ୱାରା ଗ୍ରାମ ଓ ଡ଼ଙ୍ଗର ପ୍ରତି ମହାବିପଦ ଘଟିବ ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

କୁକୁଡ଼ା ଓ ଘୁଷୁରି ବଳିଦେବା ପରେ ସମସ୍ତେ "କାତୁଲ" ମଦ ପିଇବାକୁ ଆଗଭର ହୋଇ ଉଠନ୍ତି । ସମସ୍ତେ ଗୋଟିଏ ଧାଡ଼ିରେ ବସି ରୁହନ୍ତି । ସମସ୍ତଙ୍କ ହାତରେ ଗୋଟିଏ ଲେଖାଁଏ ଦଣକା ବା ଦନା ଥାଏ । ଜଣେ କୁଟିଆ ସମସ୍ତଙ୍କୁ କାତୁଲ ପରଷୁଥାଏ । ସମସ୍ତ କୁଟିଆ କାତୁଲ ପିଇବା ପୂର୍ବରୁ ପ୍ରଥମେ ଟିକିଏ ଧରଣୀ ପେନୁଙ୍କ ଉଦ୍ଦେଶ୍ୟରେ ତଳେ ପକାଇଥାନ୍ତି ଓ ପରେ ମହାଆନନ୍ଦରେ କାତୁଲ ମଦ ପାନ କରିଥାନ୍ତି । କେତେକ କୁଟିଆ ଲୋକ ବଳିପଡ଼ିଥିବା ଘୁଷୁରି ଓ କୁକୁଡ଼ାକୁ ରୋଷେଇ କରୁଥାନ୍ତି ତ ଆଉକେତେକ ଧାଙ୍ଗେଡ଼ା ନାଚଗୀତର ଆସର ଜମାଇ ଥାନ୍ତି ।

ସମସ୍ତେ ଏକାଠି ମାଂସ, ଭାତର ଭୋଜି ଖାଇସାରିବା ପରେ ଜାନିଦ୍ୱାରା ଡ଼ଙ୍ଗର ରୁ ପ୍ରଥମେ ଗୋଟିଏ ବଡ଼ ଗଛ କଟା ହୁଏ । ସେ ଦିନ ଆଉ ଗଛ ନକାଟି ସମସ୍ତେ ଗୀତ ଗାଇ ଗାଇ ମହାଆନନ୍ଦରେ ଗ୍ରାମକୁ ଫେରିଥାନ୍ତି । ଫେରିବା ସମୟରେ ବଣ କୁକୁଡ଼ା, ମାଙ୍କଡ଼ ଇତ୍ୟାଦି ଶବ୍ଦକଲେ ଏହା ଅମଙ୍ଗଳ ସୂଚକ ବୋଲି ବିଶ୍ୱାସ କରିଥାନ୍ତି ।

ଏହି ପର୍ବ ଶେଷ ହେବା ପରେ ଲୋକମାନେ ନିଜ ନିଜ ଡ଼ଙ୍ଗରରୁ ଗଛକଟା କାର୍ଯ୍ୟ ଆରମ୍ଭ କରି ଚାଷ ଉପଲକ୍ଷେ ଜମି ପ୍ରସ୍ତୁତ କରିଥାନ୍ତି । ଏ ପର୍ବ ସମାପ୍ତ ନ ହେବା ପର୍ଯ୍ୟନ୍ତ କେହି ଗଛ କାଟିବା

ସମ୍ପୂର୍ଣ୍ଣ ନିଷେଧ । ପର୍ବ ପାଳନ ନକରି ଗଛ କାଟିଲେ ବିଭିନ୍ନ ପ୍ରକାର ଦୈବୀ ଦୁର୍ବିପାକ ଘଟିଥାଏ ଓ ଡ଼ଙ୍ଗରରେ ଭଲ ଫସଲ ହୋଇ ନଥାଏ ବୋଲି ସେମାନଙ୍କର ବିଶ୍ୱାସ ।

## (୨) ବୁର୍ଲାଙ୍ଗା ଜାଲୁ

କୁଟିଆମାନେ ଏହି ପର୍ବକୁ ବୈଶାଖ ମାସରେ ପାଳନ କରିଥାନ୍ତି ମାତ୍ର ଏ ପର୍ବକୁ ସେମାନେ ପ୍ରତି ବର୍ଷ ପାଳନ ନକରି ପ୍ରତି ପାଞ୍ଚ ଛଅ ବର୍ଷର ବ୍ୟବଧାନରେ ଥରେ ପାଳନ କରିଥାନ୍ତି । ଏ ପର୍ବକୁ ଚୈତ୍ର କିମ୍ବା ବୈଶାଖ ମାସର କୌଣସି ଏକ ମଙ୍ଗଳବାର ଠାରୁ ଆରମ୍ଭକରି ସାତ ଦିନ ପର୍ଯ୍ୟନ୍ତ ପାଳନ କରିଥାନ୍ତି । ଏହି ପର୍ବକୁ କେହି କେହି ଦୋଲ ପୂଜା ନାମରେ ନାମିତ କରିଥାନ୍ତି । କୁଟିଆ ମାନେ ଲକ୍ଷ୍ମୀ ଓ ଭୀମା ଦେବତାଙ୍କୁ ଏ ପର୍ବରେ ମଧ ପୂଜା କରିଥାନ୍ତି । ଉକ୍ତ ପର୍ବର ଅନ୍ୟ ଏକ ମୁଖ୍ୟ ବିଶେଷତ୍ୱ ହେଲା ଡ଼ୋଲି ବା ବୁରଡ଼ା (ଧାନ ରଖିବା ଜାଗା) ପୂଜା । କୁଟିଆ କନ୍ଧମାନେ ଏହି ପର୍ବରେ ନିଜ ନିଜର ଘର ଓ ବୁର୍ଡ଼ାକୁ ବିଭିନ୍ନ ପ୍ରକାର ଚିତ୍ର ବିଚିତ୍ର କରିଥାନ୍ତି । ଡ଼ୋଲି ଭିତରେ ବିଭିନ୍ନ ପ୍ରକାର ଡ଼ଙ୍ଗର ଜାତୀୟ ଶସ୍ୟ ମଧ ରଖିଥାନ୍ତି ।

ଉକ୍ତ ପର୍ବକୁ ସେମାନେ ଘରେ ଘରେ ବ୍ୟକ୍ତିଗତ ଭାବରେ ପାଳନ କରୁଥିଲେ ମଧ ପର୍ବର ଅବ୍ୟବ୍ୟହିତ ପୂର୍ବରୁ ପର୍ବ କେବେ ବା କେଉଁ ମଙ୍ଗଳବାର ଦିନ ଠାରୁ ପାଳନ କରାଯିବ ଏ ସମ୍ବନ୍ଧରେ ନିଷ୍ପତ୍ତି ଗ୍ରାମର ବୟସ୍କ ଲୋକ, ଜାନି, ମେମ୍ବର, ଲିକା ଜାନିମାନେ ଏକ ସିଙ୍ଗା ଡ଼କାଇ ସ୍ଥିର କରିଥାନ୍ତି ।

ପର୍ବଦିନ ଜାନି ପ୍ରତ୍ୟେକଙ୍କ ଘରକୁ ଯାଇ ଡ଼ୋଲି ବା ବୁରଡ଼ା ପୂଜା କରିଥାଏ । ପ୍ରତି ଘରେ ବୁର୍ଲାଙ୍ଗା ପେନୁଙ୍କ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ କୁକୁଡ଼ା ବଳି ମଧ ଦେଇଥାନ୍ତି । ମା ଲକ୍ଷ୍ମୀଦେବୀ ଓ ଭୀମା ଦେବତାଙ୍କୁ ପୂଜା ନୈବେଦ୍ୟାଦି ଅର୍ପଣ କରିଥାନ୍ତି । ପର୍ବରେ ଧାଙ୍ଗେଡ଼ୀ ମାନଙ୍କ ତରଫରୁ ଧାଙ୍ଗେଡ଼ାମାନଙ୍କୁ (ଆଗେ ପୋଢ଼ ଦେଉଥିଲେ) ଘୁଷୁରି ମାରି ମାଂସ ଖାଇବାକୁ ଦିଆଯାଇଥାଏ । ପରବର୍ତ୍ତୀ ଦିନ ଧାଙ୍ଗେଡ଼ା ମାନେ ଧାଙ୍ଗେଡ଼ୀମାନଙ୍କୁ ଗୋଟିଏ ଘୁଷୁରି ମାରି ମାଂସ ଖାଇବାକୁ ଦେଇଥାନ୍ତି । ଏହି ପର୍ବ ଚାଲିଥିବା ସମୟରେ ପର୍ବ ପାଳନ କରୁଥିବା ଗ୍ରାମବାସୀମାନେ ଅନ୍ୟଗ୍ରାମର ଲୋକଙ୍କ ସହିତ ସମ୍ପର୍କ ରଖିବା ବା ଜିନିଷ ପତ୍ର କାରବାର କରିବା ବା କଥାବାର୍ତ୍ତା କରିବା ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଥାଏ । ଯେଉଁମାନେ ଏ ସମସ୍ତ ସାମାଜିକ ବିଧି ଉଲଂଘନ କରିଥାନ୍ତି, ସେମାନେ ବିଭିନ୍ନ ପ୍ରକାର ରୋଗ ବ୍ୟାଧି ଜ୍ୱରରେ ପୀଡ଼ିତ ହୋଇଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଏହି ପର୍ବ ଦିନଗୁଡ଼ିକରେ ନିଜ ନିଜର ଭାଇ ମାନଙ୍କୁ ଭଉଣୀମାନେ ''ଭାଇ'' ବୋଲି ଡ଼ାକିବା ମଧ ମନା । ସେମାନେ ସମସ୍ତେ ଏହି ଦିନ ଗୁଡ଼ିକରେ ସଙ୍ଗାତ, ମଇତ୍ର, ମିଛୁ (ଭିଶୋଇ) ଭାବେ ସମ୍ବୋଧନ କରିଥାନ୍ତି । ପର୍ବ ସମାପ୍ତ ହେବା ପର୍ଯ୍ୟନ୍ତ ସାଙ୍ଗ ସାଥି ପରି ଚଳିଥାନ୍ତି ।

ପର୍ବର ଶେଷ ଦିନରେ କୁଟିଆମାନେ ଗ୍ରାମ ବାହାରେ ''ପଲ୍‌କା'' ପୋଡ଼ିଥାନ୍ତି । ''ପଲ୍‌କା''ର ଅର୍ଥ ତଳ ଓଷ୍ଠ । ବର୍ଷ ସାରା ଶିକାର କରିଥିବା କୁଟୁରା, ମିରିଗ୍, ହରିଣ ଇତ୍ୟାଦିଙ୍କର ତଳ ଓଷ୍ଠକୁ ସଂଗ୍ରହକରି ସାଇତି କରି ରଖିଥାନ୍ତି । ସେଗୁଡ଼ିକ ଏହି ପର୍ବରେ

କାମରେ ଆସିଥାଏ । ଏହାକୁ ପୋଡ଼ିବା ଦ୍ୱାରା ଏହା ଗ୍ରାମ ପ୍ରତି ଶୁଭପ୍ରଦ ହୋଇଥାଏ ଏବଂ ବିଭିନ୍ନ ପ୍ରକାରର ଅଘଟଣ ଓ ଦୈବ ଦୁର୍ବିପାକରୁ ରକ୍ଷା ମିଳିଥାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

ପର୍ବର ପ୍ରଥମ ଦିନରେ ଡ଼ୋଲି ପୂଜା ହୋଇଥାଏ ଏବଂ ପ୍ରଥମ ଛଅଦିନ ମଧ୍ୟ କାତ୍ରୁଲ ପିଇ ନାଚ ଗୀତ କରି କୁକୁଡ଼ା, ଛେଳି, ଘୁଷୁରି ମାରି ଆନନ୍ଦର ସହିତ ଭୁରି ଭୋଜନରେ କଟାଇଥାନ୍ତି । ୭ମ ଦିନରେ ପଲ୍‌କା ପୋଡ଼ା ପରେ ଗ୍ରାମବାସୀମାନେ ନାଚଗୀତ କରୁଥିବା ଧାଙ୍ଗେଡ଼ା ଧାଙ୍ଗେଡ଼ୀ ମାନଙ୍କୁ ପଇସା, ଟଙ୍କା, ଛେଳି, କୁକୁଡ଼ା ଇତ୍ୟାଦି ଉପହାର ରୂପେ ଦେଇଥାନ୍ତି । ଏଗୁଡ଼ିକୁ ଧାଙ୍ଗେଡ଼ା ଓ ଧାଙ୍ଗେଡ଼ୀ ମାନେ ନେଇ ଭୋଜିଭାତ କରି ଖାଇଥାନ୍ତି ।

### ୩- ସାପାଙ୍ଗେଡ଼ା ପେନୁ (ଜନ୍ମ ପେନୁ)

କୁଟିଆମାନେ ଏହି ପର୍ବକୁ ଆଷାଢ଼ ମାସରେ ଯେ କୌଣସି ଏକ ରବିବାର ଦିନ ପାଳନ କରିଥାନ୍ତି । ଗ୍ରାମ ମଧ୍ୟରେ ଗୋଷ୍ଠୀଗତ ଭାବରେ ଏହି ପର୍ବକୁ ପାଳନ କରାଯାଏ । ଛୋଟ ଛୋଟ ଶିଶୁମାନଙ୍କର ସମସ୍ତ ପ୍ରକାର ଶାରୀରିକ ଓ ମାନସିକ ଉନ୍ନତି ଏବଂ ସେମାନଙ୍କୁ ସମସ୍ତ ପ୍ରକାର ରୋଗ ବ୍ୟାଧିରୁ ମୁକ୍ତ ରଖିବା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ । ଏଥିପାଇଁ ଗ୍ରାମବାସୀ ମାନେ ସାମୁହିକ ଭାବରେ ଚାନ୍ଦା ସଂଗ୍ରହ କରି ପୂଜା ପୂର୍ବଦିନ ଅର୍ଥାତ ଶନିବାରରେ ସମସ୍ତ ପ୍ରକାର ପୂଜୋପକରଣ ସଂଗ୍ରହ କରିଥାନ୍ତି ।

ପୂଜୋପକରଣ

(୧) ଧଳା ଗଞ୍ଜା ଦୁଇଗୋଟି (ଡ଼ଙ୍ଗିନି ଆଡ୍ରା)

(୨) ଗୋଟିଏ ଧଳା ଛେଳି (ଡ଼ଙ୍ଗିନି ଅଡ଼ା)



ସାପାଙ୍ଗେଡ଼ା ପେନୁଙ୍କ ପାଖରେ ବଳି ଅର୍ପଣ

(୩) ଅରୁଆ ଚାଉଳ ୪/୫ ମାଣ

(୪) ଝୁଣା

(୫) ହଳଦୀ ଇତ୍ୟାଦି

ପୂଜାବିଧି

ଉକ୍ତ ପୂଜାକୁ ଜାନି ସମାପନ ନକରି ଗ୍ରାମର ମାଝି ବା ମୁଖିଆ କରିଥାନ୍ତି । ଶନିବାର ଦିନ ରାତିରେ ତାକୁ ସ୍ତ୍ରୀ ସହବାସ ଠାରୁ ନିବୃତ୍ତ

ରହି ଶୁଦ୍ଧ ହେବାକୁ ପଡ଼ିଥାଏ ଏବଂ ସେହି ରାତିରେ ସେ ମଧ୍ୟ ସାପାଙ୍ଗେଡ଼ାପେନ୍ଙ୍କୁ ନିଜ ଘରେ ଆରାଧନା କରିଥାନ୍ତି । ସାପାଙ୍ଗେଡ଼ା ସଦାସର୍ବଦା ଗ୍ରାମ ବାହାରେ ଥାନ୍ତି । ରବିବାର ଦିନ ସକାଳ ପ୍ରାୟ ୯/ ୧୦ ଘଣ୍ଟା ସମୟରେ ଗ୍ରାମ ବାହାରେ ଏବଂ ନିକଟରେ ଏକ (ଶାର୍ଗୀ ମାରା) ଶାଳୁଆ ଗଛ ନିକଟରେ ଏ ପୂଜା କରାଯାଇଥାଏ । ଏଥିପାଇଁ ମାଝି ଉକ୍ତ ଗଛମୂଳକୁ ଭଲଭାବରେ ଗୋବରରେ ଲିପାପୋଛା କରିଥାନ୍ତି । ମାଝି ଗ୍ରାମବାସୀଙ୍କ ଗହଣରେ ଆସି ଉକ୍ତ ଗଛମୂଳରେ ଅରୁଆ ଚାଉଳଗୁଣ୍ଡରେ ଯନ୍ତ୍ର ଅଙ୍କନ କରିଥାନ୍ତି । ପୂଜାସ୍ଥଳୀରେ ପୂଜୋପକରଣ ଗୁଡ଼ିକୁ ରଖି ମାଝି ଠାକୁରଙ୍କ ଉଦ୍ଦେଶ୍ୟରେ ମନ୍ତ୍ରପାଠ କରିଥାନ୍ତି । ସେ କୁକୁଡ଼ାକୁ ପୂଜାକରି ପ୍ରଚଳିତ ପ୍ରଥାନୁସାରେ କୁକୁଡ଼ାକୁ ଚାଉଳ ଗୁଣ୍ଡ ଖାଇବାକୁ ଦେଇ ବଳିଦେଇ ଥାନ୍ତି । ଏହାପରେ ଛେଳିକୁ (ବୋଦା) ସେହି ଏକା ପଦ୍ଧତିରେ ବଳି ପକାଇଥାନ୍ତି । ବଳି ପକାଇବାପରେ ପୂଜା କାର୍ଯ୍ୟ ଶେଷ ହୁଏ । ଏହାପରେ ଭୋଜି ପର୍ବ । ଗଞ୍ଜା ଓ ଛେଳିକୁ ପୃଥକ୍ ପୃଥକ୍ ଭାବେ ଏବଂ ତତ୍ ସହିତ ଚାନ୍ଦା ଆକାରରେ ଅଣାଯାଇଥିବା ଚାଉଳକୁ ମଧ୍ୟ ରୋଷେଇ କରିଥାନ୍ତି । କେବଳ ଯେଉଁମାନେ ସେଠାରେ ଉପସ୍ଥିତ ଥାନ୍ତି, ସେମାନେ ହିଁ ଭୋଜି ଖାଇଥାନ୍ତି । କୌଣସି ଲୋକ ଘରକୁ ଭାତ ମାଂସ ଆଣିବା ନିଷେଧ । ଏହି ପର୍ବକୁ ସ୍ତ୍ରୀ ଲୋକମାନେ ମଧ୍ୟ ଯିବାମନା । ପୂଜାସ୍ଥଳୀକୁ ଗଲେ ଏମାନଙ୍କର ଗର୍ଭ ସଂଚାରରେ ବ୍ୟତିକ୍ରମ ଘଟିଥାଏ ବୋଲି ବିଶ୍ୱାସ ରହିଅଛି ।

କିନ୍ତୁ ଏହି ପର୍ବରେ ମାଝି ଠାକୁରଙ୍କୁ ପୂଜା କଲାବେଳେ ତାଙ୍କ ଶରୀରରେ ଠାକୁର ଉଭା ହୁଅନ୍ତି ନାହିଁ ।

## ୪- ଟାକ୍ କାଲୁ (ଟାକୁ ପୂଜା)

କୁଟିଆମାନେ ଏହି ପର୍ବକୁ ଶ୍ରାବଣ ମାସରେ ପାଳନ କରିଥାନ୍ତି । ଉକ୍ତ ପର୍ବକୁ ସେମାନେ ଶ୍ରାବଣ ମାସର ଯେ କୌଣସି ଶୁକ୍ରବାର ଠାରୁ ଆରମ୍ଭ କରି ସୋମବାର ପର୍ଯ୍ୟନ୍ତ ଚାରିଦିନ ଧରି ପାଳନ କରିଥାନ୍ତି । ଟାକ୍ କାଲୁ ବା ଟାକୁ ପୂଜାର ଅର୍ଥ ହେଉଛି ଆମ୍ବ ଟାକୁଆ ପରବ । ଅର୍ଥାତ୍ ଏ ପର୍ବ ପାଳନକରି ସେମାନେ ନୂଆକରି ଆମ୍ବଟାକୁଆ ଖାଇଥାନ୍ତି । ଏ ପର୍ବ ପାଳନ ନକଲା ପର୍ଯ୍ୟନ୍ତ କୌଣସି ଲୋକ ''ଟାକୁ'' ଖାଇବା ନିଷେଧ । କୁଟିଆମାନେ ପ୍ରତ୍ୟେକ ଗ୍ରାମରେଗୋଷ୍ଠୀଗତ ଭାବରେ ଉକ୍ତ ପର୍ବକୁ ପାଳନ କରିଥାନ୍ତି । ତେଣୁ ପର୍ବ ପାଳନ କରିବା ପୂର୍ବରୁ ଗ୍ରାମର ସମସ୍ତ ବୟସ୍କ ବ୍ୟକ୍ତି ତଥା ମାଝି, ଜାନି, କୁଟାକା ଏକତ୍ରିତ ହୋଇ ଧରଣୀ ପେନୁଙ୍କ ନିକଟରେ ଗୋଟିଏ ସଭା କରାଇ ପୂଜା ଉପଲକ୍ଷେ ଚାନ୍ଦା ନିର୍ଦ୍ଧାରଣ କରିଥାନ୍ତି । ଏବଂ ପୂଜା କିପରି ଏବଂ କେଉଁଦିନ କରାଯିବ ଓ ପୂଜାପାଇଁ କ'ଣ କଣ ଆବଶ୍ୟକ ତାର ସିବିଶେଷ ଆଲୋଚନା କରିଥାନ୍ତି । ଟାକୁ ଖାଇବା ବ୍ୟତୀତ ପୂଜାର ଅନ୍ୟଏକ ବିଶେଷତ୍ୱ ହେଉଛି ଚାଷ ଉପଲକ୍ଷେ ନୂଆ ଡ଼ଙ୍ଗର ବାଛି ଏଥିପାଇଁ ଧରଣୀ ଦେବତାଙ୍କୁ ଛେଳି, କୁକୁଡ଼ା ଓ ଘୁଷୁରି ବଳିଦେବା ।

## ଉପକରଣ

୧) ଗୋଟିଏ ଆମ୍ବକୁ ଛଡ଼ାଇ ତାର ବୀଜ ବା ମଞ୍ଜି (କୋଇଲି) ।
୨) ଧଳା କୁକୁଡ଼ା ପ୍ରତି ଘରୁ ଗୋଟିଏ ଲେଖାଏ ।
୩) ଅଳ୍ପ ଅରୁଆ ଚାଉଳ ।
୪) ପକାନାଡ଼ି (ମକାଗଛ) ଗୋଟିଏ ।
୫) ମାଆଣ୍ଡେ (ମାଣ୍ଡିଆ) ଗୋଟିଏ ଗଛ ।
୬) ଜୁଣୁଙ୍ଗା (ଝୁଡ଼ଙ୍ଗ) ଗୋଟିଏ ଗଛ ।
୭) ଆର୍କା (କାଙ୍ଗୁ) ଗୋଟିଏ ଗଛ ।
୮) କୁକୁଡ଼ା କୁଚା (ବୋଇତାଳୁ ପତ୍ର) ।
୯) ମୁଣ୍ଡୁରା କୁଚା (କାକୁଡ଼ି ପତ୍ର) ।
୧୦) ମାସାଙ୍ଗା କୁଚା (ବିରି ଗଛ ପତ୍ର) ।
୧୧) ପିସା (କନ୍ଦା) ବିଭିନ୍ନ ପ୍ରକାର କନ୍ଦାରୁ କିଛି କିଛି ।
୧୨) ମଅସ୍ (ସୁଆଁ) ଗୋଟିଏ ଗଛ (କୁଏରୀ) ।
୧୩) ଜାଡ଼ି (ସୁଆଁପରି ଗୋଟିଏ ଗଛ) ଗୋଟିଏ ଗଛ ।
୧୪) କାବାଙ୍ଗା - ଜଡ଼ା ।
୧୫) ଝୁଣା, ଧୂପ, ଦୀପ ଇତ୍ୟାଦି ।

ଉପରୋକ୍ତ ଉପକରଣ ବ୍ୟତୀତ ଅନ୍ୟ କେତେ ପ୍ରକାର ଢ଼ଙ୍ଗର ଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରାଯାଇଥାଏ ।

## ବିଧି

ଏ ସମସ୍ତ ଗଛ ଓ ପତ୍ରଗୁଡ଼ିକୁ ଜାନିଙ୍କ ନିର୍ଦ୍ଦେଶରେ ଗୋଟିଏ ଧାଙ୍ଗେଡ଼ା ରବିବାର ଦିନ ପ୍ରତ୍ୟୁଷରୁ ଡ଼ଙ୍ଗରରୁ ସଂଗ୍ରହ କରି ଆଣିଥାଏ । ରବିବାର ଦିନ ସକାଳେ ଜାନି ଧରଣୀ ପେନୁଙ୍କ ନିକଟରେ ଗୋବର ଦ୍ୱାରା ଲିପାପୋଛା କରିଥାନ୍ତି । ଧରଣୀ ପେନୁଙ୍କ ନିକଟରେ ଗୋଟିଏ କାତୁଲ ଗୁନାଟେ (ବଡ଼ ହାଣ୍ଡି) ରଖାଯାଏ । ଜଙ୍ଗଲରୁ ସଂଗୃହୀତ ଶିଆଳି ପତ୍ରରେ ୭ଟି ଦଣକା (ଦନା) ତିଆରି କରି ଜାନି ଧରଣୀ ପେନୁଙ୍କୁ ସାତଦନା କାତୁଲ ଭୋଗ ଲଗାଇଥାଏ । ପ୍ରତି ଦନାରେ ମଦ ଢ଼ାଳିବା ସମୟରେ ଜାନି ମନ୍ତ୍ର ଉଚାରଣ କରୁଥାନ୍ତି । ଉକ୍ତ ଦନା ଗୁଡ଼ିକର ଚତୁଃପାର୍ଶ୍ୱରେ ସମସ୍ତ ଡ଼ଙ୍ଗର ଜାତ ଗଛ, ପତ୍ର ଓ କନ୍ଦା ଗୁଡ଼ିକୁ ସଜାଇ ସଜାଇ ରଖାଯାଇଥାଏ । ସମସ୍ତ ଶସ୍ୟ, ପତ୍ର ଓ କନ୍ଦା ଗୁଡ଼ିକ ଉପରେ ଜାନି ମଦ ଢ଼ାଳିଥାନ୍ତି ।

ଏହାପରେ ଜାନି ପ୍ରଥମେ ତାଙ୍କର ନିଜର କୁକୁଡ଼ାକୁ (ଧଳା) ଧରଣୀପେନୁଙ୍କ ନିକଟରେ ବଳି ଅର୍ପଣ କରିଥାନ୍ତି । ପରେ ପରେ ଗ୍ରାମର ଅନ୍ୟ ଲୋକମାନଙ୍କର କୁକୁଡ଼ା ଗୁଡ଼ିକୁ ଡ଼ଙ୍ଗର କୁ ଡ଼ଙ୍ଗର ବୁଲିବୁଲି ଜାନି ବ୍ୟକ୍ତିଗତ ଭାବରେ ଡ଼ଙ୍ଗରରେ ବଳି ପ୍ରଦାନ କରିଥାନ୍ତି । ଉକ୍ତ ଡ଼ଙ୍ଗରରେ ମଧ୍ୟ ଗୋବରରେ ଲିପାପୋଛା କରି ଅରୁଆ ଚାଉଳ ଓ କାତୁଲ ନେଇ ପୂଜା କରାଯାଇଥାଏ । ପୂଜାରେ ବଳି ପକାଯାଇଥିବା କୁକୁଡ଼ା ମୁଣ୍ଡଗୁଡ଼ିକୁ ଡ଼ଙ୍ଗରରେ ଫିଙ୍ଗିଦେଇ ଆସିଥାନ୍ତି । ମାତ୍ର ତାର

ଅବଶିଷ୍ଟ ଅଂଶ ତକ ଗ୍ରାମକୁ ଆଣି ଧରଣୀ ପେନୁଙ୍କ ନିକଟରେ ରଖାଯାଇଥାଏ । ଉକ୍ତ ବର୍ଷ ଯଦି କୁଟିଆମାନେ କୌଣସି ଏକ ନୂଆ ଡ଼ଙ୍ଗରକୁ ସଫାକରି ଚାଷ କରିବାକୁ ଚାହୁଁଥାନ୍ତି, ତେବେ ସେମାନେ ଏଠାରେ ଧରଣୀ ପେନୁଙ୍କୁ ଏହି ପର୍ବରେ ଗୋଟିଏ କୁକୁଡ଼ା, ଗୋଟିଏ ଘୁଷୁରି ଓ ଗୋଟିଏ ବୋଦା ଗ୍ରାମ ତରଫରୁ ବଳି ପକାଇଥାନ୍ତି । ବଳିକାର୍ଯ୍ୟ ଶେଷ ହେବାପରେ ଭୋଜି କାର୍ଯ୍ୟ ଆରମ୍ଭ ହୁଏ । ଉକ୍ତ ଭୋଜିରେ ଗ୍ରାମର ସ୍ତ୍ରୀ ଲୋକମାନେ ଅଂଶ ଗ୍ରହଣ କରି ନଥାନ୍ତି । ଭୋଜି ଖାଇବା ସମୟରେ ପ୍ରତ୍ୟେକଙ୍କର ଗୋଟିଏ ଲେଖାଁଏ ଭାଗ; ମାତ୍ର ଜାନି ଦୁଇଟି ଭାଗ ଭୋଗ ନେଇ ଖାଇଥାନ୍ତି । ଉକ୍ତ ଭୋଜିର ମାଂସକୁ କୌଣସି ଘରକୁ ପଠାଯାଏ ନାହିଁ । ସ୍ତ୍ରୀ ଲୋକମାନେ ଭୋଜି ଖାଇବା ନିଷେଧ । ଏହାର କାରଣ ସେମାନଙ୍କର ପେଟ ଗୋଳମାଳ ହୋଇଥାଏ ଏବଂ ସେମାନେ ପ୍ରେତଗ୍ରସ୍ତ ହୋଇଥାନ୍ତି ବୋଲି କୁଟିଆ କନ୍ଧମାନେ ବିଶ୍ୱାସ କରିଥାନ୍ତି ।

ସୋମବାର ଦିନ ଘରେ ଘରେ ପ୍ରସ୍ତୁତ କରାଯାଇଥିବା କାଡୁଲ ମଦ ପ୍ରାୟ ଆଠ-ଦଶ ମାଠିଆ "ଧରଣୀ" ପେନୁଙ୍କ ନିକଟରେ ଠୁଳ କରିଥାନ୍ତି । ଏଠାରେ ମଧ୍ୟ ଜାନି ଲିପାପୋଛା କରି, ଅରୁଆ ଚାଉଳ ଗୁଣ୍ଡରେ ଯନ୍ତ୍ର ଅଙ୍କନ କରି, କାଡୁଲ ଦେଇ ପୂଜା କରିଥାନ୍ତି । ପୂଜା ପରେ କାଡୁଲ ମଦକୁ ପୁରୁଷ ଲୋକମାନେ ମହାଆନନ୍ଦରେ ପେଟଭରି ପିଇଥାନ୍ତି । ଅବଶିଷ୍ଟ ମଦକୁ ପ୍ରତି ଲୋକ ଘରକୁ ନେଇଥାନ୍ତି । କାଡୁଲ ପିଇବା ପୂର୍ବରୁ ଡୁମାଙ୍କ ନିକଟରେ କିଛି ଦେଇ ପରେ ପିଉଥାନ୍ତି ।

ମଦ୍ୟପାନ ପରେ ଆରମ୍ଭ ହୁଏ ନାଚ ଗୀତ ତାମସାର ସମୟ । ଉକ୍ତ ଦିନ କୁଟିଆମାନେ ନାଚ ଗୀତ ସହିତ "ଗାଦା" (ଏକ ପ୍ରକାର ବାଜା) ବଜାଇ ମଉଜ କରିଥାନ୍ତି ।

ପରବର୍ତ୍ତୀ ଦିନ ଠାରୁ କୁଟିଆମାନେ ଟାକୁକୁ ଖାଇ ପାରିଥାନ୍ତି । ଏହାକୁ ସେମାନେ ପିଠାକରି ବା ଜାଉକରି ଖାଇପାରନ୍ତି । ଟାକୁଆକୁ ପ୍ରଥମେ ଛଡ଼ାଇ ତାର ଧଳା ଅଂଶ (କୋଇଲି)କୁ ବାହାର କରିଥାନ୍ତି । ଏହାକୁ ଗୁଣ୍ଡକରି ଅଧିକ ସ୍ରୋତ ଥିବା ଏବଂ ଉପରୁ ପଡୁଥିବା ଝରଣା ପାଣିରେ ଗୋଟିଏ କପଡ଼ାରେ ବାନ୍ଧି ଏକ ପଥର ତଳେ ପ୍ରାୟ ବାରଘଣ୍ଟା, ଗୋଟିଏ ରାତି ରଖିଥାନ୍ତି । ଏହା ଦ୍ୱାରା ଟାକୁରୁ ପିତା ଓ କସା ସ୍ୱାଦ ନଷ୍ଟ ହୋଇ ଯାଇଥାଏ ଏବଂ ଏହା ବହୁତ ସ୍ୱାଦ ଯୁକ୍ତ ହୋଇଥାଏ ।

ଉକ୍ତ ପର୍ବ ସମାପ୍ତ ହେବା ପୂର୍ବରୁ ଟାକୁ ଖାଇଲେ ବହୁ ପ୍ରକାର ଦୈବିଦୁର୍ବିପାକ ତଥା ରୋଗ ବ୍ୟାଧିର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି କୁଟିଆମାନଙ୍କର ବିଶ୍ୱାସ ରହିଅଛି ।

## ୫- ଦୂର୍ଗା ପୂଜା ବା ଠାକୁରାଣୀ ପୂଜା

ଟାକୁ ପୂଜା ପରେ ଆଶ୍ୱିନ ମାସରେ ଦୂର୍ଗାପୂଜା ବା ଠାକୁରାଣୀ ପୂଜା ଅନୁଷ୍ଠିତ ହୋଇଥାଏ । ଏହି ପର୍ବକୁ କୁଟିଆ ମାନେ ସାମୂହିକ ଭାବରେ ପାଳନ ନକରି ବ୍ୟକ୍ତିଗତ ଭାବରେ ଘରେ ଘରେ ପାଳନ କରିଥାନ୍ତି । ଏ ପୂଜାରେ ଜାନିଙ୍କର ବା କୁଟକା ବା ମାଝିଙ୍କର କୌଣସି

ଆବଶ୍ୟକତା ନଥାଏ । ପ୍ରତ୍ୟେକ ପରିବାର ମୁଖିଆ ଲୋକ ନିଜେ ନିଜେ ଏହି ପୂଜା ସମାପନ କରିଥାନ୍ତି । ଏଥିପାଇଁ ଲୋକମାନେ ଦଶମୀ ଦିନ ସକାଳୁ ଉଠି ନିତ୍ୟକର୍ମ ଶେଷ କରିଥାନ୍ତି । ସମସ୍ତେ ପ୍ରାୟ ଗୋଟିଏ ଗୋଟିଏ କୁକୁଡ଼ା, ନଡ଼ିଆ, ଧୂପ କାଠି, ସିନ୍ଦୁର ଇତ୍ୟାଦି ପୂଜୋପକରଣ ନେଇ ନିଜ ନିଜର ଧରଣୀ ମୁଣ୍ଡା ନିକଟରେ ପୂଜା କରିଥାନ୍ତି । ପ୍ରଥମେ ଏଠାରେ ଲିପାପୋଛା କରି ଅରୁଆ ଚାଉଳ ଗୁଣ୍ଡରେ ଏକ ଯନ୍ତ୍ର ଅଙ୍କନ କରିଥାନ୍ତି । ନଡ଼ିଆ, ସିନ୍ଦୁର, ଝୁଣା, ଧୂପ, ଦୀପାଦି ଭୋଗ ନୈବେଦ୍ୟ ଅର୍ପଣ କରି ଘରର ମୁଖ୍ୟ, ମା' ଦୂର୍ଗାଙ୍କ ଉଦ୍ଦେଶ୍ୟରେ ଗୋଟିଏ କୁକୁଡ଼ା ବଳି ପକାଇଥାନ୍ତି । ବିଶେଷତଃ ପରିବାରର ସମସ୍ତଙ୍କ ଶରୀରର ସୁସ୍ଥକାମନା ପାଇଁ ସେମାନେ ଏହି ପର୍ବ ପାଳନ କରିଥାନ୍ତି ।

ଏହି ପର୍ବଦିନ ସେମାନେ ମିଳିତ ଭାବରେ ନାଚ ଗୀତ କରିନଥାନ୍ତି । କେବଳ ପ୍ରତ୍ୟେକ ଘରେ ବଳି ପଡ଼ିଥିବା କୁକୁଡ଼ା ମାଂସକୁ ଭୋଜିଭାତ କରି ମହାଆନନ୍ଦରେ ଖାଇଥାନ୍ତି ।

## ୬- ଗଙ୍ଗି ପେନୁ କାଲୁ

ଦିୱାଲି ବା ଦିପାବଳୀ ମାସରେ ଅର୍ଥାତ କାର୍ତ୍ତିକ ମାସରେ ସେମାନେ ଏହି ପର୍ବ ପାଳନ କରିଥାନ୍ତି । ଏହି ପର୍ବ କେଉଁଦିନ ପାଳନ କରାଯିବ ତାହା ଜାନି ନିଜେ ଠିକ୍ କରିଥାନ୍ତି । ପରିବାର ମଧ୍ୟରେ ରୋଗ ବ୍ୟାଧି ଯଥା ବାତ (ଆପସରୁ), ଅଷ୍ଟାଙ୍ଗ ବିନ୍ଧା (ଟେକିଙ୍ଗା

ନଇଁବାନ୍), ହାତ ଗୋଡ଼ ଫୁଲିଯିବା ଭଳି ମାରମ୍ବକ ରୋଗ ଭୋଗୁଥିବା ବ୍ୟକ୍ତିମାନଙ୍କୁ ଏଥିରୁ ମୁକ୍ତ କରିବା ଉକ୍ତ ପର୍ବର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ତେଣୁ କୁଟିଆମାନେ ପ୍ରତ୍ୟେକ ପରିବାର ଏହି ପର୍ବ ପାଳନ ନ କରି ଯେଉଁ ପରିବାରରେ ଏଭଳି ରୋଗ ଭୋଗୁଥିବା ବ୍ୟକ୍ତିମାନେଥାନ୍ତି କେବଳ ସେହି ପରିବାରଗୁଡ଼ିକ ଏହି ପର୍ବକୁ ମାନିଥାନ୍ତି । ଏହି ପର୍ବ ପାଳନ କରିବା ପାଇଁ ଯେଉଁ ପରିବାର ଚାହିଁଥାନ୍ତି, ସେ ପର୍ବ ପୂର୍ବରୁ ଜାନିଙ୍କୁ ଜଣାଇବା ଆବଶ୍ୟକ ଅଟେ । ପୂଜା ଦିନ ଉକ୍ତ ପରିବାର ଲୋକ ସାଙ୍ଗରେ ଗୋଟିଏ ପାରା/କୁକୁଡ଼ା, ସିନ୍ଦୁର, ଝୁଣା, ମଦ ଓ ଅରୁଆ ଚାଉଳ ଇତ୍ୟାଦି ଧରି ନିଜ ନିଜ (ତଳ) ବିଲକୁ ଜାନିଙ୍କ ସହିତ ଯାଇଥାନ୍ତି । ଜାନି ଉକ୍ତ ବ୍ୟକ୍ତିଙ୍କର ବିଲ (ଜମି)ରେ କୌଣସି ଏକ ସ୍ଥାନରେ ଲିପାପୋଛା କରି ପୂଜା କରିଥାନ୍ତି । ଏହି ପର୍ବରେ ସେ



ଗଙ୍ଗିପେନୁଙ୍କ ଆବାହନ

କେବଳ ''ଗଙ୍ଗିପେନୁ''ଙ୍କୁ ଆବାହନ କରିଥାନ୍ତି । ପୂଜା ଶେଷରେ କୁକୁଡ଼ା ବା ପାରା ବଳି ଦିଆଯାଇଥାଏ । ଏହି ପରି ଯେଉଁମାନଙ୍କର ଏ ପୂଜାର ଆବଶ୍ୟକତା ଅଛି ସେମାନଙ୍କ ଜମି (ତଳବିଲ)ରେ ଜାନି ପୂଜା ପାଠ କରି ଆରାଧ ଦେବତା ''ଗଙ୍ଗିପେନୁ''ଙ୍କୁ ବଳି ପ୍ରଦାନ କରିଥାନ୍ତି । ବଳିର ମୁଣ୍ଡକୁ ଉକ୍ତ ଜମିରେ ଫିଙ୍ଗି ଦିଆଯାଇଥାଏ । ପୂଜା କାର୍ଯ୍ୟ ଶେଷ ହେବା ପରେ ଘରେ ଘରେ ବଳି ମାଂସକୁ ଭୋଜି ଭାତ କରି ଖାଉଥାନ୍ତି । ଏ ପର୍ବରେ ଜାନିଙ୍କୁ କେବଳ ମଦ୍ୟପାନ କରିବାକୁ ଦେଇଥାନ୍ତି । ଏହିପରି ଭାବରେ ଉକ୍ତ ପର୍ବକୁ ମାନିବାଦ୍ୱାରା ରୋଗ ଭୋଗୁଥିବା ଲେକମାନେ ''ଗଙ୍ଗିପେନୁ''ଙ୍କ କୃପାରୁ ଆରୋଗ୍ୟ ଲାଭ କରିଥାନ୍ତି ବୋଲି କୁଟିଆ କନ୍ଧମାନଙ୍କର ବିଶ୍ୱାସ ।

ଅନ୍ୟ ପକ୍ଷରେ ଉକ୍ତ ପର୍ବର ସମାପ୍ତି ପରେ କୁଟିଆମାନେ ଜମିରୁ ଧାନକଟା କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏହି ପର୍ବ ଶେଷ ନହେବା ପର୍ଯ୍ୟନ୍ତ କେହି ଜମିରୁ ଧାନ କାଟି ପାରନ୍ତି ନାହିଁ । ଯଦି କେହି ଏହା ଉଲ୍ଲଂଘନ କରି ଧାନ କାଟିଥାନ୍ତି, ତାହାହେଲେ ତାଙ୍କ ପ୍ରତି ବିପଦ ଘଟିଥାଏ ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

## ୭- ପୁଣି କାଲୁ-(ଝଟା ବା ସେମିପୂଜା ବା ଶିମ୍ବ ନୂଆଖିଆ)

କୁଟିଆମାନେ ପୁଷମାସର ପୂର୍ଣ୍ଣମୀ ତିଥିରେ ନଚେତ୍ ଉକ୍ତ ମାସର କୌଣସି ଏକ ରବିବାର ଦିନ ଏହି ପର୍ବକୁ ପାଳିଥାନ୍ତି । ଏହା

ଗୋଟିଏ ଗ୍ରାମ ମଧ୍ୟରେ ସମସ୍ତେ ଗୋଷ୍ଠୀଗତ ଭାବରେ କରିଥାନ୍ତି । ତେଣୁ ପର୍ବ ପାଳନର ୩-୪ ଦିନ ପୂର୍ବରୁ ପର୍ବ ଉପଲକ୍ଷେ ଏକ ସଭା ଡକାଇଥାନ୍ତି । ସଭାରେ ଗ୍ରାମବାସୀ, ମାଝି, ଝାନି, କୁଟକାମାନେ ଭାଗ ନେଇଥାନ୍ତି । ପର୍ବ ସମ୍ବନ୍ଧରେ କେତେ ଚାନ୍ଦା ଓ କଣ କଣ ପୂଜୋପକରଣ ଆବଶ୍ୟକ ତଥା କିପରି ଭାବେ ପାଳନ କରାଯିବ ତାହା ଆଲୋଚନା କରି ଦିନ ସ୍ଥିର କରିଥାନ୍ତି । ସଭାରେ ପର୍ବପାଇଁ କେତେ କାତୁଲ ଦରକାର ଏବଂ ଏହାକୁ କିଏ ରାନ୍ଧି ପ୍ରସ୍ତୁତ କରିବ ସେ ସଂପର୍କରେ ନିର୍ଦ୍ଦେଶ ଦିଆଯାଇଥାଏ ।

## ପୂଜା ଉପକରଣ

ଗୋଟିଏ କୁକୁଡ଼ା, ଗୋଟିଏ ଘୁଷୁରି, ଶିମ୍ଵ ଓ ଝଟାର ଗୋଟିଏ ମାଳ, କାତୁଲ, ଅରୁଆ ଚାଉଳ, ସିନ୍ଦୁର, ଧୂପ, ଦୀପ, ଝୁଣା, ଫୁଲ ଇତ୍ୟାଦି ।

## ପୂଜା ବିଧି

ସେମାନେ ସାଧାରଣତଃ ଉକ୍ତ ପର୍ବରେ ନିଜର ଶକ୍ତିସମ୍ଵଳ ଅନୁଯାୟୀ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ଯେଉଁମାନେ ଅଭାବ ବଶତଃ ନୂଆଲୁଗା କିଣିପାରିନଥାନ୍ତି, ସେମାନେ ନିଜ ନିଜର ଲୁଗାପଟାକୁ ସଫାକରି ପିନ୍ଧିଥାନ୍ତି ।

ପୂର୍ଣ୍ଣମୀ ଦିନ ଅବା ରବିବାର ଦିନ ଜାନି ପ୍ରାୟ ଅପରାହ୍ନ ୩ଟା ସମୟରେ ପୂଜା ଆରମ୍ଭ କରିଥାନ୍ତି । ସେ ଏଥିପାଇଁ ଗ୍ରାମ ଦାଣ୍ଡ

ମଝିରେ ଥିବା ଧରଣୀ ପେନୁଙ୍କ ପୂଜା ସ୍ଥଳୀକୁ ଲିପାପୋଛା କରି ପରିଷ୍କାର କରିଥାନ୍ତି । ଗୋଟିଏ ଶିମ୍ବ ଓ ଶିମ୍ବଲଟା ବା ଝଟାରୁ ଏକ ମାଳ ପ୍ରସ୍ତୁତ କରି ଆଣି ପୂଜା ପୀଠରେ ରଖିଥାନ୍ତି । ଯେଉଁ ବ୍ୟକ୍ତି ଉକ୍ତ ମାଳ ପ୍ରସ୍ତୁତ କରିଥାନ୍ତି ସେ ଉପାସ ରହି ଉକ୍ତ ମାଳ ତିଆରି କରିବା ବିଧି ସମ୍ମତ ଅଟେ । ଜାନି ଝୁଣା, ଧୂପ, ଦୀପ ନୈବେଦ୍ୟାଦି ଅର୍ପଣ କରି ମନ୍ତ୍ରପାଠ ପୂର୍ବକ କୁକୁଡ଼ା ଓ ଘୁଷୁରି କୁ ରୀତି ନୀତି ଅନୁଯାୟୀ ଆରାଧ୍ୟ ଦେବତା ଧରଣୀ ପେନୁଙ୍କୁ ବଳି ଅର୍ପଣ କରିଥାନ୍ତି । ଜାନିଙ୍କ ଦ୍ୱାରା ପୂଜା ଚାଲୁଥିବା ସମୟରେ ଗ୍ରାମର ଧାଙ୍ଗେଡ଼ା ଧାଙ୍ଗେଡ଼ୀମାନେ ବାଦ୍ୟ, ନାଚ ଗୀତରେ ଗ୍ରାମକୁ ମୁଖରିତ କରିଥାନ୍ତି । ପୂଜା ପାଠ ପ୍ରାୟ ସଂଧ୍ୟା ସମୟରେ ଶେଷ ହୁଏ । ଏହା ପରେ ସଂଧ୍ୟାରେ ବଳି ମାଂସ ଓ ଭାତ ଭୋଜିର ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ । ଉକ୍ତ ଭୋଜିରେ ପୁରୁଷମାନେ କେବଳ ଅଂଶ ଗ୍ରହଣ କରିଥାନ୍ତି । ସ୍ତ୍ରୀ ଲୋକମାନେ ଅଂଶ ଗ୍ରହଣ କରି ନଥାନ୍ତି ।

ଦ୍ୱିତୀୟ ଦିନ ଉକ୍ତ ପର୍ବରେ କୌଣସି ପୂଜା ପାଠର ଆବଶ୍ୟକତା ନଥାଏ । ମାତ୍ର ରାତ୍ରିରେ କାତୁଲ ମଦ୍ୟ ପାନକରି ବାଦ୍ୟ ବଜାଇ ନାଚଗୀତରେ ଆସର ଜମାଇଥାନ୍ତି । ତୃତୀୟ ଦିନ ମଧ୍ୟ ଠିକ୍ ଏହି ପରି ଭାବରେ ବଳିଥିବା କାତୁଲ ପିଇ, ନାଚଗୀତ କରି ଆନନ୍ଦ ଅନୁଭବ କରିଥାନ୍ତି ।

ପର୍ବ ସମୟରେ କୌଣସି ପ୍ରକାର ଢ଼ଙ୍ଗର କାର୍ଯ୍ୟ ରଖାଯାଇ ନଥାଏ । ଏପର୍ବ ପାଳନ ନ କରିବା ପର୍ଯ୍ୟନ୍ତ କେହି ଶିମ୍ବ ଖାଉନଥାନ୍ତି ।

ଯଦି କେହି ଏହା ପୂର୍ବରୁ ଶିମ୍ବ ଖାଆନ୍ତି, ତେବେ ଧରଣୀ ପେନୁ ଉକ୍ତ ବ୍ୟକ୍ତି ଉପରେ କୋପଦୃଷ୍ଟି ପକାଇଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ । ଏଥିପାଇଁ ନୂଆକରି ଶିମ୍ବ ଖାଇବା ପୂର୍ବରୁ ସେମାନଙ୍କର ଆରାଧ୍ୟ ଦେବତା ଧରଣୀ ପେନୁଙ୍କୁ ପ୍ରଥମେ ଶିମ୍ବ ପୂଜା କରିବା ବିଧେୟ ଅଟେ ।

## ୮- ଚଇତି ଢାଲୁ

ସେମାନେ ଉକ୍ତ ପର୍ବକୁ ଚୈତ୍ରମାସର ଯେ କୌଣସି ଦିନରେ ପାଳନ କରିଥାନ୍ତି । ପର୍ବ ପାଳନ କରିବାର କିଛି ଦିନ ପୂର୍ବରୁ ଗ୍ରାମର ମୁଖିଆ ଲୋକମାନେ ଏବଂ କୁଟାକା, ବେଜୁ, ଜାନିମାନେ ଏକତ୍ର ବସି ସଭା କରି ପର୍ବ ଉପଲକ୍ଷେ ଦିନ ଠିକ୍ କରିଥାନ୍ତି । ପର୍ବ କିପରି ସୁରୁଖୁରୁରେ ହେବ ତାହା ପୁଙ୍ଖାନୁପୁଂଖ ଭାବରେ ଆଲୋଚନା କରିଥାନ୍ତି । ଗ୍ରାମରୁ ସମସ୍ତ ରୋଗ ଦୂରୀକରଣ ଉକ୍ତ ପର୍ବ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ସେମାନଙ୍କର ଦୃଢ଼ ବିଶ୍ୱାସ ଯେ ବିଭିନ୍ନ ପ୍ରକାର ଅନିଷ୍ଟକାରୀ ଦେବାଦେବୀଙ୍କ କୋପଦୃଷ୍ଟିରୁ ସମସ୍ତ ପ୍ରକାର ରୋଗ ବ୍ୟାଧି ଦୁଃଖ କ୍ଳେଶ ସେମାନଙ୍କୁ ଭୋଗିବାକୁ ପଡ଼ିଥାଏ । ଏଥିରୁ ମୁକ୍ତିଲାଭ ପାଇଁ ସେମାନଙ୍କୁ ସେହି ଅନିଷ୍ଟକାରୀ ଦେବାଦେବୀଙ୍କୁ ପୂଜା ନୈବେଦ୍ୟାଦି ତଥା ବୋଦା, କୁକୁଡ଼ା, ଘୁଷୁରି ପ୍ରଭୃତି ବଳି ଦେବାକୁ ପଡ଼ିଥାଏ । ଏ ସମସ୍ତ ପୂଜା କାର୍ଯ୍ୟକୁ କୁଟାକା (ଗୁଣିଆ) ସମ୍ପାଦନ କରିଥାନ୍ତି । ଏହି ପର୍ବ ଗ୍ରାମମଧ୍ୟରେ ଏକ ଗୋଷ୍ଠୀଗତ ପର୍ବ ହୋଇଥିବାରୁ ଆବଶ୍ୟକତା ଅନୁଯାୟୀ ଚାନ୍ଦା ସଂଗ୍ରହ କରି ପୂଜାଉପକରଣର ବ୍ୟବସ୍ଥା କରାଯାଇଥାଏ ।

## ପୂଜା ଉପକରଣ

ଝାମୁଡ଼ା (ଛାମୁଣ୍ଡା)ର ସଜବାଜ ଉପଲକ୍ଷେ ଆସବାବପତ୍ର । ଧୂପ, ଝୁଣ, ସିନ୍ଦୁର, ଅରୁଆ ଚାଉଳ, ମାନସିକ ଅନୁଯାୟୀ ବଳି ଯଥା - ପାରା, କୁକୁଡ଼ା, ବୋଦା, କୁକୁଡ଼ା ଅଣ୍ଡା, ଘୁଷୁରି ଇତ୍ୟାଦି, ଖଣ୍ଡା ଚାରିଟା, ଫୁଲହାର, ଜାମୁଡ଼ାଳ, ଗୋଟିଏ ପୁରୁଣା ଟୋକେଇ, ନୂଆ ଛୋଟଶଗଡ଼ ଇତ୍ୟାଦି ।

## ପୂଜା ବିଧି

ଉକ୍ତ ପର୍ବ ଦୁଇଦିନ ଧରି ପାଳନ କରାଯାଇଥାଏ । ପ୍ରଥମ ଦିନ କୁଟାକା (ଗୁଣିଆ) ଦେବତାମାନଙ୍କୁ ଆବାହନ କରିଥାନ୍ତି ଏବଂ ଦ୍ୱିତୀୟ ଦିନ ଭୋଗ ଲଗାଇ ପୂଜା କରି ପର୍ବ ସମାପନ କରିଥାନ୍ତି । ପ୍ରଥମ ଦିନ ଗୁଣିଆ (କୁଟାକା) ଗ୍ରାମ ଦାଣ୍ଡରେ ପୂଜିତ ଧରଣୀ ପେନୁଙ୍କ ନିକଟରେ ପ୍ରଥମ ପୂଜା ପାଇଁ ଉପବାସ କରିଥାନ୍ତି । ସେ କେବଳ ଅଳ୍ପ ମଦ୍ୟପାନ କରିଥାନ୍ତି । ସେ ନିଜ ସ୍ତ୍ରୀ ସହବାସରୁ ତା ପୂର୍ବ ରାତ୍ରରୁ ନିବୃତ ହୋଇଥାନ୍ତି । ପ୍ରଥମ ଦିନ ସନ୍ଧ୍ୟା ବା ସୂର୍ଯ୍ୟାସ୍ତ ପରେ ପର୍ବ ଆରମ୍ଭ କରିଥାନ୍ତି । କୁଟାକା ଧରଣୀ ପେନୁଙ୍କ ନିକଟରେ ମନ୍ତ୍ର ଉଚାରଣ ଓ ମନମଧରେ ଠାକୁରମାନଙ୍କୁ ଧ୍ୟାନ କରିଥାନ୍ତି । ଏହି ସମୟରେ ପ୍ରତ୍ୟେକ ପରିବାର ମୁଖ୍ୟ ଲୋକ ସେଠାରେ ରୁଣ୍ଡ ହୋଇଥାନ୍ତି । ଧରଣୀ ପେନୁଙ୍କ ନିକଟରେ ଗୋଟିଏ ବାଉଁଶ ପାତିଆରୁ ତିଆରି ଝୋଲି (ପ୍ରାୟ ପୋଲୁହ ପରି) ଭିତରେ ପଶି ମଧ ମନ୍ତ୍ର

ଉଚ୍ଚାରଣ କରିଥାନ୍ତି । ଏହି ସମୟରେ କୌଣସି ପୂଜା ଉପକରଣ ର ଆବଶ୍ୟକତା ନାହିଁ । ମୁଖ୍ୟ କୁଟାକା ଗୋଟିଏ କୁଲାରେ କିଛି ଚାଉଳ ନେଇ ମନ୍ତ୍ରପାଠ କରିବା ସମୟରେ ଚାଉଳକୁ କୁଲାଭିତରେ ହାତ ସାହାଯ୍ୟରେ ଘସର ଘସର ଶବ୍ଦ କରୁଥାନ୍ତି । ସମୟ ସମୟରେ କୁଲା ଚାଉଳକୁ ମୁଁହରେ ମଧ ଘସାଯାଏ । ଏହି ମନ୍ତ୍ର ଉଚାରଣ କରିବା ସମୟରେ ସେ ବହୁତ ପ୍ରକାର ଡୁମା ଦେବତାଙ୍କର ନାମ ନେଇଥାନ୍ତି । କିଛି ସମୟ ପରେ କୁଟାକା ଡୁମା ଗ୍ରସ୍ତ ହୋଇ ପଡ଼ନ୍ତି । ଏହା ପରେ ସେ ଡୁମା ଗ୍ରସ୍ତ କୁଟାକା ଗ୍ରାମର ପ୍ରତ୍ୟେକ ପରିବାର ମୁଖ୍ୟଙ୍କ ନାମକୁ ଜଣକ ପରେ ଜଣକୁ ଡାକି ଭଲ ମନ୍ଦ ପଚାରିଥାନ୍ତି । ଗତ ବର୍ଷ ଯାହା ମାନସିକ କରିଥିଲା ଏବର୍ଷ ସେ ତାହା ଭୋଗ ଲଗାଇବ କି ନାହିଁ ବୁଝିଥାନ୍ତି । ଆଗାମୀ ଦିନ କିପରି କଟିବ, ତାହାର କିଛି ଧନ ପ୍ରାପ୍ତି ହେବକି ନାହିଁ ପରିବାରରୁ କେହି ମରିବ କି ଏବଂ ଆଗାମୀ ବର୍ଷରେ ସେ କଣ ଭୋଗ ଲଗାଇବ ପଚାରିଥାନ୍ତି । ଯିଏ ଯାହା ଦେବେ ମାନସିକ କରି କୁଟାକା ଠାରୁ ଦିଇଟା ଚାଉଳ ହାତରେ ଗ୍ରହଣ କରିଥାନ୍ତି ।

**ଦୃଷ୍ଟାନ୍ତ :**

ପ୍ରଶ୍ନ: କାଲି  ଆମର ଚଇତି କାଲୁ ହେଉଛି । ତୁ ଠାକୁରଙ୍କ ନିକଟରେ କି ବଳି ଦେବୁ ?

(ବିଏ ବଡ଼େଇ ଓ୍ୱହି ଆଇମାନେ । ଇଡ଼ା ଇଆବୁ ?)

ତାପରେ ପଚାରା ଯାଉଥିବା ଲୋକଟି ଠାକୁରଙ୍କୁ ନମସ୍କାର କରି କୁହେ-

-ମୁଁ ଘୁଷୁରି ବଳି ଦେବି ।

(ମହାପ୍ରୁ ପାଜି ସିଆନୁ ପାଜି ସିଆ ।)

ଏପରି ସମସ୍ତଲୋକଙ୍କୁ ଗୋଟି ଗୋଟି କରି ପଚରା ଉଚରା କଲା ପରେ କଟାକା କାଳିସୀ ପରି ନାଚିଥାନ୍ତି । କନା ବଳିତା ବା କତାରେ କିରୋସିନି ପକାଇ ନିଆଁ ଲଗାଇ କୁଟାକାକୁ ଧରାଇଥାନ୍ତି । ସେ ଏହାକୁ ପାଟିରେ ପୁରାଇ ଲିଭାଇ ଦେଇଥାନ୍ତି । ମଧ୍ୟେ ମଧ୍ୟେ ସେ କାହା ପାଖରୁ ମହୁଲ ମଦ ନାମକୁ ମାତ୍ର ମାଗି କରି ପିଉଥାନ୍ତି । ଏହି ସମୟରେ ଗ୍ରାମର ଧାଙ୍ଗେଡ଼ା ମାନେ ବିଭିନ୍ନ ଢ଼ଙ୍ଗରେ ବାଜା ବଜାଇଥାନ୍ତି । ଏହାରି ତାଳେ ତାଳେ କୁଟାକା ନାଚିଥାନ୍ତି । ଶେଷରେ କ୍ଲାନ୍ତିଗ୍ରସ୍ତ କୁଟାକା ଜାନି ଘରକୁ ଯାଇ, ସେହିପରି ଲୋକଙ୍କର ସେବା କରୁଛନ୍ତି ବୋଲି ପଚାରିଥାନ୍ତି । ଏହାପରେ ସେ ଧରଣୀ ପେନୁଙ୍କ ନିକଟରେ ଆସି ପଡ଼ିଯାନ୍ତି ଏବଂ କିଛି ସମୟ ପରେ ସାଧାରଣ ଅବସ୍ଥାକୁ ଫେରି ଆସିଥାନ୍ତି । ଏହିପରି ଭାବେ ପ୍ରଥମ ଦିନର କାର୍ଯ୍ୟର ସମାପ୍ତି ଘଟିଥାଏ ।

ଦ୍ୱିତୀୟ ଦିନ ଗ୍ରାମର ଧାଙ୍ଗେଡ଼ାମାନେ ଧରଣୀ ପେନୁଙ୍କ ଠାରୁ ଅନତି ଦୂରରେ ଏକ ଛାମୁନ୍ଦା (ଛାମୁଣ୍ଡା) ତିଆରି କରି ଏହାକୁ ଆମ୍ବପତ୍ର, ରଙ୍ଗିନ୍ କପଡ଼ା, ଫୁଲ ଓ ଖୁଣ୍ଟ ଚାରୋଟି ପୋତି ମଞ୍ଚ ପରି ସଜାଇଥାନ୍ତି । ଏଥି ମଧ୍ୟରେ ଏକ ଖୁଣ୍ଟ ପୋତି (ଅଡ଼ା) ଏହାକୁ ସିନ୍ଦୁର ହଳଦୀ ଲଗାଇ ଏକ ଫୁଲହାର ମଧ୍ୟ ଲଟକାଇ ଦେଇଥାନ୍ତି ।

ସକାଳ ପ୍ରାୟ ୯-୧୦ ଘଣ୍ଟା ବେଳେ କୁଟାକା ଗାଧୋଉଥାନ୍ତି । କିନ୍ତୁ କୁଟାକା କୌଣସି ଝରଣାକୁ ଯାଇ ଗାଧାନ୍ତି ନାହିଁ । ସମସ୍ତ ଘରର ସ୍ତ୍ରୀ ଲୋକମାନେ ହାଣ୍ଡିରେ ପାଣି ଆଣି ଦିଅନ୍ତି ଓ କୁଟାକାକୁ ହଳଦି (ପେରା) ଲଗାଇ ଗାଧୋଇ ଦିଅନ୍ତି । ଗ୍ରାମରେ ଅନ୍ୟ ପୁରୁଷ ଲୋକମାନେ ମଧ ଉକ୍ତ ପାଣିରେ ଅଳ୍ପ ଅଳ୍ପ ଗାଧୋଉଥାନ୍ତି । ଏହା ଦ୍ୱାରା ଦେହ ସୁସ୍ଥ ରହିଥାଏ ବୋଲି ସେମାନଙ୍କର ବିଶ୍ୱାସ । ଗାଧୁଆ ସମାପ୍ତି ପରେ କୁଟାକା ଗୋଟିଏ ନୂତନ ଶାଢ଼ୀକୁ ପରିଧାନ କରିଥାନ୍ତି । ମୁଣ୍ଡରେ ସିନ୍ଦୁର (ସେନ୍ଦୁରା) ମଧ ଲଗାଇଥାନ୍ତି । ପରସ୍ତ ପରସ୍ତ କରି ଚାରି ଗୋଟି ଶାଢ଼ି ପିନ୍ଧିଥାନ୍ତି । ପୂଜା ପାଇଁ ପୂର୍ବରୁ ଉଦ୍ଦିଷ୍ଟ ଦୁଇଟି ଖଣ୍ଡା ମଧ ହାତରେ ଧରିଥାନ୍ତି । ସର୍ବ ଶେଷରେ ବେକରେ, ହାତରେ ପୂଜୁ (ଫୁଲ)ର ହାର ପିନ୍ଧିଥାନ୍ତି । କୁଟାକା ହାତରେ ମୟୁର ପୁଚ୍ଛ ମଧ ଧରିଥାନ୍ତି ।

ଗ୍ରାମର ଧାଙ୍ଗେଡ଼ାମାନେ ବାଉଁଶ ପାତିଆରୁ ଗୋଟିଏ ଶଗଡ଼ ତିଆରି କରି ଏଥିରେ ଚକି ଲଗାଇ ଧରଣୀ ପେନୁଙ୍କ ନିକଟରେ ରଖିଥାନ୍ତି । ଆଉ ଗୋଟିଏ ଗୁଡ଼ା (ଖଟୁଲି) ମଧ (କାଠରେ ଚାରିଟା ଗୋଡ଼ ଲଗାଇ) ରଖିଥାନ୍ତି । କୁଟାକା ନିଜକୁ ବିଭିନ୍ନ ଢ଼ଙ୍ଗରେ କାଳିସୀ ପରି ସଜାଇବା ପରେ ନିଜ ଘରେ ପୂଜିତ ଡୁମା ଦେବତା ମାନଙ୍କୁ ଧୂପ ଦୀପ ପୂଜା ନୈବେଦ୍ୟାଦି ଅର୍ପଣ କରି ଦନାରେ ମଦ ଭୋଗ ଲଗାଇ ମନ୍ତ୍ରପାଠ ପୂର୍ବକ ପୂର୍ବ ଦିନ ପରି ଦେବତା ଗ୍ରସ୍ତ ହୋଇଥାନ୍ତି । ଏହି ସମୟରେ ଗ୍ରାମର ଧାଙ୍ଗେଡ଼ାମାନେ ବିଭିନ୍ନ ପ୍ରକାର ବାଦ୍ୟ ବଜାଇ

ଥାନ୍ତି । କୁଟାକା ଘରୁ ବାହାରି ନାଚି ନାଚି ଧରଣୀ ପେନୁଙ୍କ ନିକଟକୁ ଆସିଥାନ୍ତି । ଏହା ପରେ ବଳି ପର୍ବ ଆରମ୍ଭ ହୁଏ କୁଟାକା ପ୍ରେତଗ୍ରସ୍ତ ହୋଇ ପ୍ରତ୍ୟେକଙ୍କ ଘରର ପୂଜାସ୍ଥଳୀକୁ ବାଦ୍ୟର ତାଳେ ତାଳେ ନାଚି ନାଚି ଯାଇଥାନ୍ତି । ପ୍ରତ୍ୟେକଙ୍କ ଘରେ ଗତବର୍ଷରୁ ମାନସିକ କରି ଥିବା କୁକୁଡ଼ା/ପାରା/ଘୁଷୁରି/ବୋଦା ବଳି ଦେଇଥାଏ କିମ୍ବା ମାନସିକ ଅନୁଯାୟୀ କାହାର ସାଧାରଣ ପୂଜାଥିବ ତାହା ସମ୍ପାଦନ କରିଥାନ୍ତି । ମାତ୍ର ଏଠାରେ କୁଟାକା ଉକ୍ତ ପ୍ରାଣୀକୁ ନିଜେ ହତ୍ୟା ନକରି ମାନସିକ କରିଥିବା ବ୍ୟକ୍ତିମାନେ କୁଟାକାର ନିର୍ଦ୍ଦେଶରେ ହତ୍ୟା କରିଥାନ୍ତି । କୁଟାକା ଦେବତା ଗ୍ରସ୍ତ ହେବାମାତ୍ରେ ଗ୍ରାମରେ ଥିବା ବେଜୁଣୀମାନେ (ସ୍ତ୍ରୀ ଲୋକ ଗୁଣିଆ) ମଧ୍ୟ ବିଭିନ୍ନ ଢ଼ଙ୍ଗରେ ନାନା ପ୍ରକାର କୁହାଟ ଶବ୍ଦକରି ମୁଣ୍ଡ ବାଳକୁ ମୁକଳା କରି ବାଜାର ତାଳେ ତାଳେ ଝୁଲି ଝୁଲି ନାଚିଥାନ୍ତି । କୁଟାକା ସମସ୍ତଙ୍କ ଘରେ ପ୍ରବେଶ କରି ପୂଜା ଓ ବଳି କାର୍ଯ୍ୟ ସମାପ୍ତ କରିଥାନ୍ତି । ପ୍ରତ୍ୟେକ ବଳିର ମୁଣ୍ଡ ଅଲଗା ହେବା ପରେ ଏହାର ଗଣ୍ଡିର ବେକକୁ କୁଟାକା ପାଟିରେ ରକ୍ତ ପାନ କରିବା ପାଇଁ ଦିଆଯାଇଥାଏ । ଉକ୍ତ ରକ୍ତକୁ କୁଟାକା ପିଇଲେ ଅନିଷ୍ଟ କାରୀ ଡୁମା ଦେବତାମାନେ ସନ୍ତୁଷ୍ଟ ହୋଇଥାନ୍ତି ବୋଲି କୁଟିଆ କନ୍ଧମାନେ ବିଶ୍ୱାସ କରିଥାନ୍ତି ।

ଯେଉଁଘରେ ପୂଜା ସମାପ୍ତ ହୁଏ ସେ ଘରୁ ସମସ୍ତ ପୂଜାଉପକରଣଗୁଡ଼ିକୁ ଆଣି ଧରଣୀ ପେନୁଙ୍କ ନିକଟରେ ରଖାଯାଇଥାଏ । ଏହାର ମଧ୍ୟେ ମଧ୍ୟେ କୁଟାକା ବିଭିନ୍ନ ଘରୁ ମହୁଲି ମଦ୍ୟ ନାମକୁ ମାତ୍ର ପାନ କରିଥାନ୍ତି । ସମସ୍ତଙ୍କ ଘରେ ପୂଜାକାର୍ଯ୍ୟ

ଶେଷ ହେବାପରେ କୁଟାକା, ଗ୍ରାମବାସୀ ଓ ବାଜଣା ମାନଙ୍କ ସହିତ ଗ୍ରାମର ଅନତିଦୂରକୁ ଯାଇଥାନ୍ତି । ସେଠାରେ ଆଗରୁ ଗୋଟିଏ ଗଛ ମୂଳେ ବିଭିନ୍ନ ତାଳପତ୍ରରେ ଗୋଟିଏ ବଡ଼ କୁଡ଼ିଆ ଘର ଏବଂ ଆଉଗୋଟେ ଛୋଟ କୁଡ଼ିଆ ଘର ତିଆରି କରାଯାଇଥାଏ । କୁଟାକା ନାଚି ନାଚି ସେଠାରେ ପହଞ୍ଚନ୍ତି ଏବଂ ଗୋଟିଏ ଘୁଷୁରି ବଳି ପକାଇଥାନ୍ତି । ଧାରଣୀ ପେନୁଙ୍କ ନିକଟରେ ଥୁଆ ହୋଇଥିବା ଶଗଡ଼କୁ ଟାଣି ଟାଣି ଆଣି ଏଠାରେ ରଖାଯାଏ । ଛୋଟ ପତ୍ର କୁଡ଼ିଆ ପାଖରେ ଗୋଟିଏ କୁକୁଡ଼ା ବଳି ପଡ଼ିଥାଏ । ତାହାର ଅଳ୍ପ ଦୂରରେ ଗୋଟିଏ ଅଣ୍ଡା ମଧ ବଳି ଭୋଗ ଦିଆଯାଇଥାଏ । ଏହା ପରେ କୁଟାକା ଖୁବ୍ ଜୋରରେ ନାଚିଥାନ୍ତି । କେତେକ ଯୁବକ ଦୁଇ ଧାଡ଼ିରେ ପରସ୍ପର ହାତ ଧରା ଧରି ହୋଇ ଛିଡ଼ା ହୋଇଥାନ୍ତି । କୁଟାକା ନାଚି ନାଚି ଆସି ଏମାନଙ୍କ ଛନ୍ଦା ହାତ ଉପରେ ଡ଼େଇଁକରି ପଡ଼ିଥାନ୍ତି । ଫଳରେ କୁଟାକା ଚେତା ହରାଇଥାନ୍ତି । ଏବଂ କିଛି ସମୟ ପରେ ଚେତା ଫେରି ସାଧାରଣ ଅବସ୍ଥାକୁ ଆସିଥାନ୍ତି । କୁଟାକା ଗଛ ମୂଳରେ ହୋଇଥିବା ପତ୍ର କୁଡ଼ିଆ ଉପରେ ତାହାର ପଡ଼ିଥିବା ବସ୍ତ୍ର ଗୁଡ଼ିକୁ ଫିଙ୍ଗି ଦେଇଥାନ୍ତି । ଏହାକୁ ୧-୨ ଦିନ ପରେ ଆସି ସେ ନେଇଥାନ୍ତି । ଧରଣୀ ପେନୁଙ୍କ ନିକଟରୁ ଟାଣି ଟାଣି ଆଣିଥିବା ଶଗଡ଼ରେ ପ୍ରତ୍ୟେକଙ୍କ ଘରୁ ସଂଗୃହୀତ ପୂଜା ଉପକରଣ ଦାନ ଗୁଡ଼ିକୁ ଲଦିକରି ଆଣିଥାନ୍ତି । ଏପରି କରିବା ଦ୍ୱାରା ଗ୍ରାମରୁ ସମସ୍ତ ପ୍ରକାର ରୋଗ, ଭୂତ, ପ୍ରେତ ଓ ଡୁମା ପ୍ରଭୃତି ଦୂରୀଭୂତ ହୋଇଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ । ସେଗୁଡ଼ିକ ଶଗଡ଼ରେ ଗ୍ରାମ ବାହାରକୁ ଚାଲି ଯାଇଥାନ୍ତି ବୋଲି ସେମାନେ ବିଶ୍ୱାସ

କରିଥାନ୍ତି । ଏ ସମସ୍ତ କାର୍ଯ୍ୟ ଶେଷ ହେଲା ବେଳକୁ ପ୍ରାୟ ଅପରାହ୍ନ ୩-୪ ଘଣ୍ଟା ହୋଇଯାଏ । ଏହାପରେ ଆରମ୍ଭ ହୁଏ ଭୋଜି ପର୍ବ । ବଳି ପଡ଼ିଥିବା ସମସ୍ତ ପ୍ରାଣୀ ମାନଙ୍କର ମୁଣ୍ଡ ଗୁଡ଼ିକୁ କୁଟାକା ନେଇଥାନ୍ତି । ଅବଶିଷ୍ଟ ମାଂସକୁ ଗ୍ରାମର କେବଳ ପୁରୁଷ ଲୋକମାନେ ଭୋଜି କରି ମହାଆନନ୍ଦରେ ଖାଇଥାନ୍ତି । ମାତ୍ର ପ୍ରତ୍ୟେକ ପରିବାର ସ୍ତ୍ରୀ ଲୋକଙ୍କ ପାଇଁ କିଛି କିଛି ମାଂସ ନେଇଥାନ୍ତି । ସ୍ତ୍ରୀ ଲୋକମାନେ ଏହାକୁ ଘରେ ରୋଷେଇ କରି ଖାଇଥାନ୍ତି । ଭୋଜି ପର୍ବ ପରେ 'ଟଇତି କାଲୁ''ର ପର୍ବ ସମାପ୍ତ ଘଟିଥାଏ ।

## ୯- ମେରିଆ ପୂଜା ବା କେଢ୍ରୁପୂଜା



ମେରିଆ ପୂଜାପାଇଁ ପ୍ରସ୍ତୁତି

କୁଟିଆମାନଙ୍କର ସମସ୍ତ ପର୍ବ ମଧ୍ୟରେ "କେଢୁ ପରବ " ବା "ମେରିଆ ପରବ" ସବୁଠାରୁ ବଡ଼ ପରବ ଅଟେ । କେହି କେହି ଉକ୍ତ ପରବକୁ "କୁଡ଼େ" ପର୍ବ ମଧ୍ୟ କହିଥାନ୍ତି । ଏହି ପର୍ବରେ ଆଗରୁ ମଣିଷ ବଳି ଦିଆଯାଉଥିଲା । ଏବେ ଏହା ପରିବର୍ତ୍ତେ ପୋଢ଼ (ମଇଁଷି) ବଳି ଦିଆଯାଉଛି । କେଢୁ ପରବ ବା କୁଡ଼େ ପରବ ପ୍ରତ୍ୟେକ ବର୍ଷ ପାଳନ କରାଯାଇନଥାଏ । ପ୍ରତି ୪-୫ ବର୍ଷ ବ୍ୟବଧାନରେ କୁଟିଆମାନେ ପ୍ରତ୍ୟେକ ଗ୍ରାମରେ ଗୋଷ୍ଠୀଗତ ଭାବରେ ଉକ୍ତ ପର୍ବକୁ ପାଳନ କରିଥାନ୍ତି । ପର୍ବ ସମୟରେ ବଳି ଉପଯୋଗୀ ପ୍ରାଣୀକୁ ବିଭିନ୍ନ ପ୍ରକାର ମାରଣାସ୍ତ୍ରରେ ଆଘାତ କରି ଯେତେ ଅଧିକ ରକ୍ତ ବାହର କରାଯାଏ, ସେମାନେ ତାର ପେନୁଙ୍କ କୃପାରୁ ସେତେ ଅଧିକ ବର୍ଷା ପାଇଥାନ୍ତି ଏବଂ ଭଲ ଫସଲ ଅମଳ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ । ଏହି ପର୍ବ ସେମାନଙ୍କର ଏକ ବ୍ୟୟ ବହୁଳ ପର୍ବ । ଏଥିରେ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଇଥାଏ । ଜମିର ଉର୍ବରତା ବଢ଼ାଇବା, ପର୍ଯ୍ୟାପ୍ତ ଫସଲ ହେବା, ଗାଁକୁ ବିଭିନ୍ନ ରୋଗ ବ୍ୟାଧିରୁ ରକ୍ଷା କରିବା, ସର୍ବୋପରି ସେମାନଙ୍କର ସର୍ବବିଧ ମଙ୍ଗଳକୁ ଆଖି ଆଗରେ ରଖି ଏହି ପର୍ବ ପାଳନ କରାଯାଏ ।

ସେମାନେ ପ୍ରତି ଚାରି ପାଞ୍ଚ ବର୍ଷରେ ଥରେ ଏହି ପର୍ବ ପାଳନ କରିଥାନ୍ତି । ଏହି ପର୍ବର ଗୋଟିଏ ସପ୍ତାହ ପୂର୍ବରୁ ପର୍ବ ଉପଲକ୍ଷେ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଗ୍ରାମରେ ବୟସ୍କ ଲୋକ, ଜାନି, ଗଉଁତିଆ, କୁଟାକା, ମାଝିମାନେ ସଭାକରାଇ ପର୍ବନିମନ୍ତେ ଦିନ ଠିକ୍

କରିଥାନ୍ତି ଓ ଚାନ୍ଦା ସ୍ଥିର କରିଥାନ୍ତି । କୁଣିଆ, ବନ୍ଧୁବାନ୍ଧବମାନଙ୍କୁ ଖବର ମଧ୍ୟ ପଠାଯାଇଥାଏ । ସେମାନେ ଉକ୍ତ ପର୍ବରେ ଯୋଗଦାନ କରିଥାନ୍ତି ।

ପ୍ରାୟ ଶୁକ୍ରବାର ଦିନ ଠାରୁ ଏହି ପର୍ବ ଆରମ୍ଭ କରିଥାନ୍ତି । ଶୁକ୍ରବାର ଦିନ କାତୁଲ ରାନ୍ଧନ୍ତି । ଶନିବାର ଦିନ ପୋଡ଼ ବାନ୍ଧିବା ନିମନ୍ତେ ମୁର୍ଡା ବା ଖୁଣ୍ଟ ଜଙ୍ଗଲରୁ ଅଣାଯାଇଥାଏ । ଏଥିପାଇଁ ଝାନି ଓ କେତେକ ପୁରୁଷ ଲୋକଙ୍କୁ ଜଙ୍ଗଲକୁ ଯିବାକୁ ପଡ଼ିଥାଏ । ଝାନି ପ୍ରଥମେ ଗୋଟିଏ ଶାଳୁଆଗଛ ପାଖରେ ପୂଜା କରିଥାନ୍ତି । ଯେଉଁ ଶାଳଗଛ ପୋଡ଼ ବାନ୍ଧିବା ପାଇଁ ଯୋଗ୍ୟ, ସେ ଗଛରେ ଟିପା ମାରିଲେ ଶବ୍ଦ ହୁଏ ନାହିଁ । ଯେଉଁ ଶାଳ ଗଛରେ ଟିପା ମାରିଲେ ଶବ୍ଦ ହୁଏ, ସେ ଗଛ ପୋଡ଼ ବାନ୍ଧିବା ପାଇଁ ଅଯୋଗ୍ୟ ବିବେଚିତ ହୋଇଥାଏ । ଏ ସମସ୍ତ ପରୀକ୍ଷା କଲାପରେ ଝାନି ଗୋଟିଏ ଗଛକୁ କାଟିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ମୁର୍ଡା ହାଣିବା ପାଇଁ ଅନ୍ୟ କେତେକ ନିୟମ ମଧ୍ୟ ଏମାନଙ୍କୁ ମାନି ଚଳିବାକୁ ପଡ଼ିଥାଏ । ଯେଉଁ ଲୋକମାନେ ସାତ ଦିନ (ଓଳିଏ ଖାଇ ଓଳିଏ ଉପବାସ) ଉପବାସ ରହୁଥାନ୍ତି ସେମାନେ କେବଳ ଏହି ମୁର୍ଡା ହାଣିବାକୁ ସମର୍ଥ ହୋଇଥାନ୍ତି । ଯେଉଁମାନେ ଦୁଇବେଳା ଖାଇ ଠଳୁଥାନ୍ତି ସେମାନେ ଏହାକୁ ହାଣି ପାରନ୍ତି ନାହିଁ । ତେଣୁ ଏହି ମୁର୍ଡା ହାଣିବା ବ୍ୟକ୍ତିମାନଙ୍କୁ ପୂର୍ବରୁ ଉପବାସ ବ୍ରତ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ । ଏମାନେ ମୁର୍ଡାକୁ ହାଣି କାନ୍ଧରେ ବୋହି ଗ୍ରାମକୁ ଫେରନ୍ତି । ଏହାକୁ ଢେକୁଖୁମ୍ବ ବା କୁଡ଼େ

ଲାଞ୍ଜୁ ରୂପେ ତିଆରି କରିଥାନ୍ତି । ଏହି ଖୁମ୍ବରେ ନାନା ପ୍ରକାର ଶୈଳୀରେ ଖୋଦେଇ କାରୁକାର୍ଯ୍ୟ ମଧ୍ୟ କରିଥାନ୍ତି । ଖୁଣ୍ଟକୁ ଧରଣୀ ପେନୁଙ୍କ ନିକଟରେ ପ୍ରାୟ ରାତି ୪ଟା ସମୟରେ ପୋତିଥାନ୍ତି । କୁଟିଆ କନ୍ଧମାନେ ବିଶ୍ୱାସ କରିଥାନ୍ତି ଯେ, ଏ ଖୁଣ୍ଟ ରାତି ୪ଟା ବେଳେ ପୋତିବା ସମୟରେ ସେମାନଙ୍କ ବିଶ୍ୱାସରେ ସ୍ୱର୍ଗରୁ ଔଷଧ ପଡ଼ିଥାଏ । ଏହାକୁ ଗୁଣିଆମାନେ କେବଳ ପାଇଥାନ୍ତି । ଆକାଶରୁ ଶୂନ୍ୟବାଣୀ ହୋଇଥାଏ ବୋଲି ମଧ୍ୟ ଗୁଣିଆ ମାନେ କହିଥାନ୍ତି । ଖୁଣ୍ଟ ପୋତା ହେବା ବେଳେ ନାଚଗୀତ ଖୁବ୍ ଯୋରରେ ହୋଇଥାଏ । ପର୍ବର୍ ଏକ ମାସ ପୂର୍ବରୁ ଗୋଟିଏ ପୋଢ଼ ଚାନ୍ଦାକରି କିଣାଯାଇଥାଏ । ଏହାକୁ ଏହି ମୂର୍ତ୍ତାରେ ବନ୍ଧା ଯାଇଥାଏ । ଇତି ମଧ୍ୟରେ ଧରଣୀ ପେନୁଙ୍କ ନିକଟରେ ବାଉଁଶ ପାତିଆରୁ ଗୋଟିଏ ଡ଼ୋଲି (ଭାଡି), ଦେଖିବାକୁ ମନ୍ଦିର ପରି ତିଆରି କରାଯାଇଥାଏ । ଏହାକୁ ଧାଙ୍ଗେଡ଼ିମାନେ ତିଆରି କରିଥାନ୍ତି । ଉକ୍ତ ଡ଼ୋଲିକୁ ଧରଣୀ ପେନୁଙ୍କ ନିକଟରେ ରଖାଯାଏ ।

**ମାର୍ଲାଙ୍ଗା**

ମାର୍ଲାଙ୍ଗା ହେଉଛି ପୋଢ଼କୁ ମାରିବାକୁ ପୂର୍ବ କାଳରୁ ଲୁହାରେ ତିଆରି ହୋଇଥିବା ଏକ ଅସ୍ତ୍ର । ଏହାର ମୁନ ଅତି ତୀକ୍ଷ୍ଣ । ଏଗୁଡ଼ିକ ଦେଖିବାକୁ ତ୍ରିଶୂଳ ପରି । ଜାନି ଏହି ମାର୍ଲାଙ୍ଗାକୁ ପୂଜା କରିଥାନ୍ତି । ପୂଜାରେ ଅରୁଆ ଚାଉଳ, ଝୁଣା, ଧୂପ, ଦୀପ ପୂଜା ନୈବେଦ୍ୟାଦି ଅର୍ପଣ କରିଥାନ୍ତି । ଏଗୁଡ଼ିକୁ ଜଣେ ନିର୍ଦ୍ଦିଷ୍ଟ ଲୋକ ଘରେ ତାଙ୍କ ତତ୍ତ୍ୱାବଧାନରେ ରଖାଯାଇଥାଏ ।

ରବିବାର ଦିନ ପାଇଁ ନିଜକୁ ପୁରାପୁରି ପ୍ରସ୍ତୁତ କରିନିଅନ୍ତି । ସକାଳୁ ସକାଳୁ ଗାଧୋଇ ସେ ପୂଜା କର୍ମରେ ଲାଗିଯାନ୍ତି । ସକାଳ ୯ ଟା ଠାରୁ ଅପରାହ୍ନ ୩-୪ ଘଣ୍ଟା ପର୍ଯ୍ୟନ୍ତ ପୂଜା କାର୍ଯ୍ୟ ଅବିରାମ ଭାବରେ ଚାଲିଥାଏ । ତାଙ୍କୁ ଏହି ପୂଜା କାର୍ଯ୍ୟରେ କେତେକ ଲିକା ଜାନି ବା ଛୋଟ ସହାୟକ ଜାନି ମାନେ ସାହାଯ୍ୟ କରିଥାନ୍ତି । ଏହି ସମୟରେ ଗ୍ରାମର ଧାଙ୍ଗେଡ଼ା ଧାଙ୍ଗେଡ଼ିମାନେ ଖୁବ୍ ଆନନ୍ଦର ସହ ମଦପିଇ, ବାଜା ବଜାଇ ନୃତ୍ୟ ଗୀତରେ ନିଜକୁ ହଜାଇ ଦେଉଥାନ୍ତି ।

ବାହାର ଗ୍ରାମର ଲୋକମାନେ ତଥା ବନ୍ଧୁ ବାନ୍ଧବ ଲୋକମାନେ ଉକ୍ତ ପର୍ବକୁ ଦେଖିବା ପାଇଁ ଆସିଥାନ୍ତି । ଏଠାରେ ସେମାନେ ନୀରବରେ ନରହି ପ୍ରଥା ଅନୁସାରେ "ଅଡ଼ ଗେଙ୍ଗା" ମାନିଥାନ୍ତି । ଅଡ଼ଗେଙ୍ଗା ଅର୍ଥ, ବାହାର ଲୋକମାନେ ଖଣ୍ଡେ ଖଣ୍ଡେ ଶାଳୁଆ ଗଛର ବାଡ଼ି ଧରି ଗ୍ରାମର ବାହାରପଟରୁ ପାଟିତୁଣ୍ଡ କରି ବାଡ଼ିକୁ ତଳେ ବାଡ଼େଇ ବାଡ଼େଇ ଆସିଥାନ୍ତି । ଗ୍ରାମ ଲୋକମାନେ ତାଙ୍କୁ ଗୋଟିଏ ବଡ଼ ବାଉଁଶ ସାହାଯ୍ୟରେ ବାଟ ଉଗାଳି ନୀରବ ରହିବାକୁ କହିଥାନ୍ତି । ମିଛି ମିଛିକା ହସ ଖୁସିରେ ଠେଲାପେଲା ହୋଇଥାଏ । ବାହାର ଗ୍ରାମର ଲୋକମାନେ ପୋଡ଼ ମାଂସର ଭୋଗ ଦାବି କରିଥାନ୍ତି । ଏମାନେ ତାଙ୍କୁ ବୁଝାଇଥାନ୍ତି । ଏ ପର୍ବ ସମସ୍ତଙ୍କର । ତେଣୁ ତମେମାନେ ମଧ୍ୟ ପୋଡ଼ ଭୋଗ ନେବ । ଆଉ ଗୋଳମାଳ କରନାହିଁ । ଏତିକିରେ ସେମାନେ ଗ୍ରାମଲୋକମାନଙ୍କ ସହିତ ନାଚ ଗୀତରେ ମିଶିଥାନ୍ତି ।

ଦିନ ଠିକ୍ ୩ଟାରୁ ୪ଟା ମଧ୍ୟରେ ପୋଡ଼କୁ ମରା ଯାଇଥାଏ । ପୋଡ଼ ବଳି ସମୟରେ କୁଟାକା, ବେଜୁ, ବେଜୁଣୀମାନେ ସମସ୍ତେ



ମଇଁଷି ବଳି ପାଇଁ ପ୍ରସ୍ତୁତି

ନାଚୁଥାନ୍ତି । ବଳି ଦେବା ସମୟ ଉପସ୍ଥିତ ହେଲେ ଜାନି ପୋଢ଼କୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ପୂର୍ବରୁ ସ୍ଥିର ହୋଇଥିବା ଲୋକମାନେ ପୋଢ଼କୁ ବିଭିନ୍ନ ମାର୍ଲାଙ୍ଗା ଅସ୍ତ୍ର ସହାଯ୍ୟରେ ମାରିଥାନ୍ତି । ପୋଢ଼ଟିକୁ ମରାଯିବା ପରେ ବେଜୁ ବେଜୁଣୀ, କୁଟାକା ପୋଢ଼ର ରକ୍ତକୁ ପାନ କରିଥାନ୍ତି । ଏମାନଙ୍କର ମୁହଁ ସବୁ ରକ୍ତ ମୁଖା ହୋଇଯାଇଥାଏ । ଏ ପୋଢ଼କୁ ହାଣିବାର ଅବ୍ୟବହିତ ପୂର୍ବରୁ ଏହାକୁ ଗ୍ରାମ ସାରା ବୁଲାଇଥାନ୍ତି । ପ୍ରତି ଘରର ସ୍ତ୍ରୀ ଲୋକ ମାନେ ଏହାକୁ ହଳଦି (ମେରା) ପାଣିରେ ଗୋଧୋଇ ଦେଇଥାନ୍ତି । ଏ ସମୟରେ ଜାନି, ଗରମ ଭାତ ପୋଢ଼ ଧରିଥିବା ଲୋକମାନଙ୍କ ଉପରକୁ ପକାଇଥାଏ । ଯେଉଁ ଲୋକମାନେ ଉପବାସ କରିଥାନ୍ତି, ସେମାନେ କେବଳ ଏହା ସହ୍ୟ କରିପାରିଥାନ୍ତି । ଯେଉଁମାନେ ଉପବାସ କରିନଥାନ୍ତି, ସେମାନେ

ପୋଡ଼ିଗଲା ପରି ଅନୁଭବ କରିଥାନ୍ତି । ଯେଉଁମାନେ ସହ୍ୟ କରିଥାନ୍ତି ସେମାନେ ପ୍ରଥମେ ପୋଡ଼କୁ ମାରିଥାନ୍ତି । ଏହିପରିଭାବେ ପୋଡ଼କୁ ତିନି ଥର ଗ୍ରାମ ପରିକ୍ରମା କରି ଶେଷରେ ଏହାକୁ ଖୁଣ୍ଟରେ ଆଣି ବାନ୍ଧି ହତ୍ୟା କରିଥାନ୍ତି ।

ପୋଢ଼ ମାରିବା ପରେ ବାହାର ଗ୍ରାମରୁ ଆସିଥିବା ଅତିଥିମାନେ ପୋଢ଼ ମାଂସକୁ ଓ ରକ୍ତକୁ ଛୁରୀ ସାହାଯ୍ୟରେ କାଟି ନେବା ପାଇଁ ପ୍ରତିଯୋଗିତା ଆରମ୍ଭ କରି ଦେଇଥାନ୍ତି । ସେମାନେ ପୋଢ଼ ରକ୍ତକୁ ନେଇ ନିଜ ଘରେ ଦେବତା ମାନଙ୍କୁ ଦେଲେ ଦେବତା ମାନେ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ବିଶ୍ୱାସ କରିଥାନ୍ତି ।

ପୋଢ଼ କାଟିଲା ପରେ ଏହାର ମୁଣ୍ଡକୁ ଧରଣୀ ପେନୁଙ୍କ ନିକଟରେ ରଖାଯାଇଥାଏ । ଏଥିରେ କେହି ହାତଲଗାନ୍ତି ନାହିଁ ମାତ୍ର ଗଣ୍ଡିକୁ ଯାହା କରିଥାନ୍ତି ।

ସମୟ ସମୟରେ ଏହି ପର୍ବରେ ଅନ୍ୟ ଗ୍ରାମର ଲୋକମାନେ ଗୋଟିଏ ପୋଢ଼ ଆଣି ଏହି ପର୍ବ ପାଳନ କରୁଥିବା ଗ୍ରାମରେ ବଳି ପକାଇଥାନ୍ତି । ମାତ୍ର ମାରିଥିବା ଗ୍ରାମବାସୀ ଆଗ ପୋଢ଼ମାଂସ ନେଇଥାନ୍ତି । ଯେ ଯାହା କାଟି ନେବା ପରେ ଅବଶିଷ୍ଟ ପୋଢ଼ ମାଂସକୁ ଗ୍ରାମ ମଧ୍ୟରେ ଭାଗ କରିଥାନ୍ତି । ଏମାନଙ୍କ ମଧ୍ୟରେ କାଠକୁଟାଳି ହିଭଣ୍ଡିଆ, ପୋଢ଼ ବୂଲାଳି ମୁଖିଆ, ଢାନି, କୁଟାକା, ବେଜୁ, ବେଜୁଣୀମାନେ ସ୍ୱତନ୍ତ୍ର ଭାବରେ ଭାଗ ପାଉଥାନ୍ତି । ପାଉଥିବା ପୋଢ଼ ମାଂସକୁ ଘରେ ଘରେ ଭୋଜିଭାତ କରି ଖାଇଥାନ୍ତି ।

## ସୀତାଡ଼ ପୂଜା

ପରବର୍ତ୍ତି ଦିନ ଧରଣୀପେନୁଙ୍କ ନିକଟରେ ପଡ଼ିଥିବା ପୋଢ଼ର ମୁଣ୍ଡକୁ ପୂଜା କରାଯାଇଥାଏ । ସେମାନେ ଏହାକୁ ସୀତାଡ଼ ପୂଜା କହିଥାନ୍ତି । ଜାନି ଏହି ପୋଢ଼ ମୁଣ୍ଡକୁ ଝୁଣା, ଧୂପ, ଦୀପ ନୈବେଦ୍ୟାଦି ଅର୍ପଣ କରି ଗୋଟିଏ ଛୋଟ କୁକୁଡ଼ା ଛିଆଁ ବଳି ପକାଇଥାଏ । ଶେଷରେ ଏହି ମୁଣ୍ଡକୁ ଧରଣୀ ପେନୁଙ୍କ ନିକଟରେ ଜାନି ଓ ଅନ୍ୟ ପୁରୁଷ ଲୋକମାନେ ମିଶି ମଦ ସହିତ ରାନ୍ଧି ଖାଇଥାନ୍ତି । ପୋଢ଼ ମୁଣ୍ଡକୁ ପୂଜା କରିବା ଅର୍ଥ ପୋଢ଼ର ଆତ୍ମାକୁ ଶାନ୍ତି ଦେବା । ଏହିପରି ଭାବରେ କୁଟିଆ ମାନେ ଏହି କେଡୁ ବା କୁଡ଼େ ବା ମେରିଆ ପରବକୁ ମାନିଥାନ୍ତି ।

# ଦ୍ୱିତୀୟ ଭାଗ

## କର୍ମ-କର୍ମାଣି

କୁଟିଆ କନ୍ଧ ସମାଜରେ ବିଭିନ୍ନ କର୍ମ-କର୍ମାଣି ନିଜସ୍ୱ ସାମାଜିକ ପଦ୍ଧତିରେ ପାଳନ କରାଯାଇଥାଏ । ଏହି କର୍ମ-କର୍ମାଣି ସନ୍ତାନଜନ୍ମ, ନାମକରଣ, କାନଫୋଡ଼ା, ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦି ସେମାନଙ୍କର ପ୍ରଥା ଅନୁଯାୟୀ ପାଳିତ ହୋଇଥାଏ । ଏହାଦ୍ୱାରା ସାମାଜିକ ବନ୍ଧନ ବା ଏକତା ସୁଦୃଢ଼ ହୋଇଥାଏ । ଏହି କର୍ମ-କର୍ମାଣି ଗୁଡ଼ିକୁ ସେମାନେ କିପରି ପାଳନ କରିଥାନ୍ତି, ତାହାର ସବିଶେଷ ବିବରଣୀ ନିମ୍ନରେ ବର୍ଣ୍ଣିତ ହୋଇଅଛି ।

### ୧- ଜନ୍ମ - (ଲିଗାନା, ମିଲାପ୍ରୀତେ)

ବିବାହ ପରେ ସନ୍ତାନଟିଏ ପାଇବାକୁ କୁଟିଆ କନ୍ଧ ଦମ୍ପତି ଇଚ୍ଛୁକ ହୋଇଥାନ୍ତି । ସନ୍ତାନଟିଏ ଜନ୍ମ ନହେବା ପର୍ଯ୍ୟନ୍ତ ସେମାନେ ନିଜକୁ ଅନ୍ୟମାନଙ୍କ ପାଖରେ ଅତିନ୍ୟୁନ ମନେ କରିଥାନ୍ତି । ଗର୍ଭସଂଚାର ହେଲେ କୁଟିଆ ସ୍ତ୍ରୀ ଖୁବ୍ କମ କାମ କରିଥାନ୍ତି । ଐ ସମୟରେ ସେ କେବଳ ଘରଭିତରର ଛୋଟ ଛୋଟ କାର୍ଯ୍ୟ କରିଥାନ୍ତି । ପ୍ରସବ ସମୟ ଆଗତ ହେଲେ ଗର୍ଭବତୀ ସ୍ତ୍ରୀ ଲୋକକୁ ପଛପଟ କୋଠରୀରେ ରଖିଥାନ୍ତି । ସେମାନେ ଏ ଘରକୁ "ଜକ" କହିଥାନ୍ତି । ଯେତେବେଳେ ସନ୍ତାନ ପ୍ରସବ ହୁଏ, ସେତେବେଳେ ତାକୁ ସାହାଯ୍ୟ କରିବା ପାଇଁ

ଗ୍ରାମର କେତେକ ପୁରୁଖା ସ୍ତ୍ରୀ ଲୋକମାନେ ଏବଂ ତାଙ୍କର ସ୍ୱାମୀ ରହିଥାନ୍ତି । ଅନ୍ୟମାନଙ୍କୁ ସେ ଘରେ ପ୍ରବେଶ ନିଷେଧ କରାଯାଇଥାଏ । ଜନ୍ମ ହେବା ପରେ ପରେ ସନ୍ତାନର ନାଭି ଛେଦନ (ପୁଲେଣୀ) କରାଯାଇଥାଏ । ପୁଅଟିଏ ଜନ୍ମ ହେଲେ ତାର ନାଭିକୁ ତୀର ଦ୍ୱାରା ଏବଂ କନ୍ୟାଟିଏ ଜନ୍ମ ହୋଇଥିଲେ ଛୁରୀ ଦ୍ୱାରା ନାଭିଛେଦନ କରାଯାଇଥାଏ । କଟା ନାଭିକୁ ବାରିକାନି (ବାଡ଼ି) ଗୋଟିଏ ଗାତ ଖୋଳି ପୋତିଥାନ୍ତି । ଏଠାରେ ମଧ୍ୟ ନାଭି ଛେଦନ ପାଇଁ ବ୍ୟବହୃତ ତୀର/ଛୁରୀଟିକୁ ପୋତିଥାନ୍ତି । ସାମାଜିକ ଚଳଣି ଅନୁଯାୟୀ ପ୍ରସୁତି ମହିଳା ଉକ୍ତ 'ଜକ' ଘରେ ତିନିମାସ ପର୍ଯ୍ୟନ୍ତ ରହିଥାଏ । ଏଠାରେ ତାଙ୍କୁ କେହି ଛୁଅନ୍ତି ନାହିଁ । କେବଳ ତାଙ୍କ ସ୍ୱାମୀ ତାକୁ ଛୁଇଁ ପାରିଥାନ୍ତି । ଅନ୍ୟମାନେ ଛୁଇଁଲେ ମହାପାପ ବୋଲି ଧାରଣା କରିଥାନ୍ତି । ପିଲା ଯେଉଁ ଦିନ ଜନ୍ମ ହୁଏ, ସେଦିନ ପ୍ରସୁତିକୁ (ମା) ମେରା (ହଳଦି) ଲଗାଇଦେଇ ଉଷୁମ ପାଣିରେ ଗାଧୋଇ ଦେଇଥାନ୍ତି । ଏହାପର ଠାରୁ ସେ ପ୍ରାୟ ୨-୩ ମାସ ଘରର ପଛକୋଠରୀ (ଜକ)ରେ ରହିଥାଏ । ଫୁଲକୁ (ପୁଉଙ୍ଗା) ବାଡ଼ିପଟେ ଗାତ ଖୋଳି ପୋତିଥାନ୍ତି ।

ତିନି ମାସ ପରେ "ଏକାଇଶା" ପରି ଏମାନେ ଏକ କର୍ମ ମାନିଥାନ୍ତି । ଏହାକୁ ସେମାନେ "ତଲା ତେସୁନ୍ଦୁ ମିଲାବ" ବୋଲି କହିଥାନ୍ତି । ଏହି ଦିନ ମଧ୍ୟ ଜନ୍ମିତ ସନ୍ତାନର ପ୍ରଥମ ବାଳ (ଜାଁ ବାଳ) କଟା ଯାଇଥାଏ । ଉକ୍ତ ଦିନ ଘର ଲିପାପୋଛା ଓ ଲୁଗାପଟା ସଫାସୁତୁରା କରନ୍ତି । ପିଲାର ବାପା ପିଲାର ମୁଣ୍ଡକୁ ଲଣ୍ଡା କରିଥାଏ ।

## ୨। ନାମକରଣ

ପିଲାଟି ଜନ୍ମ ହେବାର ୩-୪ ବର୍ଷ ପରେ ସାଧାରଣତଃ କୁଟିଆ ମାନେ ନାମକରଣ ଉତ୍ସବକୁ ମାନିଥାନ୍ତି । ଅଥବା ଯଦି କାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥାଏ, ତେବେ ସେ ଏହାକୁ ଆହୁରି ୧-୨ ବର୍ଷ କିମ୍ବା ସୁବିଧା ଅନୁଯାୟୀ କରିଥାନ୍ତି । ତେଣୁ ଶିଶୁର ନାମକରଣ କର୍ମ ମାନିବା ପାଇଁ କୁଟିଆ ମାନଙ୍କର କୌଣସି ସମୟ ସୀମା ନାହିଁ । ଯେଉଁଦିନ ନାମକରଣ କରାଯିବ ସେ, ଖବର ଶିଶୁର ମାମୁଁ ଘରକୁ ଖବର ଜଣାଇ ଦିଆଯାଏ । ଉକ୍ତ ଦିନ ମାମୁଁ ଶିଶୁଟିର ନାମକରଣ ଉତ୍ସବ ଉଦ୍ଦେଶ୍ୟରେ ମଦ, ଚାଉଳ ଓ ଅନ୍ୟାନ୍ୟ କେତେକ ନୂଆ ବସ୍ତ୍ର ଏବଂ କିଛି ଟଙ୍କା ମଧ୍ୟ ଆଣିଥାଏ । ଉକ୍ତ ଦିନ ଜାନି ଆସି ଆରାଧ ଦେବତା ଧରଣୀପେନୁଙ୍କ ଉଦ୍ଦେଶ୍ୟରେ ଘୁଷୁରି ବା ବୋଦା ଗୋଟିଏ ମାରିଥାଏ । ଶିଶୁଟି ପୁତ୍ର ହୋଇଥିଲେ ଅଜା, ଅଣଅଜା ନାମରୁ ଗୋଟିଏ ବା କନ୍ୟା ହୋଇଥିଲେ ମା, ଆଇମା ବା ଅଣାମାଙ୍କ ନାମ ମଧ୍ୟରୁ ଗୋଟିଏ ବାଛି କରି ନାମ ଦେଇଥାନ୍ତି । ପରେ ଭୋଜି ଭାତ ହୋଇଥାଏ । ଗ୍ରାମ ଲୋକମାନେ ଭୋଜି ଭାତ ଖାଇ ମଦ୍ୟପାନ କରି ନବଜାତ ଶିଶୁକୁ କଲ୍ୟାଣ କରିଥାନ୍ତି ।

## ୩- କାନ ଫୋଡ଼ା (କିଙ୍କା ପଛପେଛନ୍ଦ୍ର)

ପିଲାକୁ ୧୦-୧୨ ବର୍ଷ ହେବାପରେ କୁଟିଆମାନେ ସାଧାରଣତଃ ଶିଶୁ ମାନଙ୍କର କାନ ଓ ନାକ ଫୋଡ଼ାଉଥାନ୍ତି । କାରଣ

କୁଟିଆ କନ୍ଧ ସ୍ତ୍ରୀ ପୁରୁଷମାନେ ସମସ୍ତେ ଅଳଙ୍କାର ପ୍ରିୟ । ଏହି ଉଦ୍ଦେଶ୍ୟରେ କାନ ଓ ନାକ ଫୋଡ଼ା ଯାଇଥାଏ । ଏଥିପାଇଁ ପିଲାର ବାପା ମା ସୁନା ବା ପିତ୍ତଳର ଏକ ମୁଦି (କିଚଡ଼କା/ରିଙ୍ଗ୍) ତିଆରି କରିଥାନ୍ତି । ଏଥିପାଇଁ କୌଣସି ପୂଜାକର୍ମର ଆବଶ୍ୟକତା ନାହିଁ । ଗ୍ରାମର ଜଣେ ସୁଦକ୍ଷା ସ୍ତ୍ରୀ ଲୋକ ଏ କାନ, ନାକ ଫୋଡ଼ା କାର୍ଯ୍ୟ କରିଥାଏ ।

## ୪- ରଜଃ ପ୍ରାପ୍ତି

କୁଟିଆ ମାନଙ୍କ ଭାଷାରେ ଏହାକୁ ହଗା ବୋଲି କହିଥାନ୍ତି । ସାଧାରଣତଃ ଝିଅକୁ ୧୨-୧୩ ବର୍ଷ ବୟସ ହେଲେ ରଜଃ ପ୍ରାପ୍ତି ହୋଇଥାଏ । କୁଟିଆ ମାନେ ଏହାକୁ ଅଶୁଚୀ ମାନୁଥିଲେ ମଧ୍ୟ ଏଥିପାଇଁ ସେମାନେ କୌଣସି ବିଶେଷ କର୍ମ-କର୍ମାଣି କରିନଥାନ୍ତି । ମାତ୍ର ପ୍ରାୟ ୭-୮ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଋତୁସ୍ରାବ ବନ୍ଦ ନହେବା ପର୍ଯ୍ୟନ୍ତ ତାକୁ ଅଶୁଚୀ ଧରି ନେଇଥାନ୍ତି । ଏହି ସମୟରେ ଝିଅ ହେଉ ବା ବିବାହିତ ସ୍ତ୍ରୀ ଲୋକ ହେଉ ତାକୁ ଘରର ପଛପଟ କୋଠରୀରେ 'ଢକ' ଘରେ ରହିବାକୁ ପଡ଼ିଥାଏ । ସେ ରନ୍ଧନ କାର୍ଯ୍ୟରୁ ବିରତ ହୋଇଥାଏ । ଏପରିକି ତାକୁ ମଝି ଘରକୁ ପ୍ରବେଶ କରିବା ମନା । ଏହି ଦିନଗୁଡ଼ିକ ମଧ୍ୟରେ ସେ କୌଣସି ପୂଜା ପରବରେ ଯୋଗ ଦେଇ ପାରେ ନାହିଁ । ନିଜେ ମଧ୍ୟ ପୂଜା କର୍ମ କରେ ନାହିଁ । ପ୍ରତି ଦିନ ସେ ନିଜର ଲୁଗାପଟା ସଫା କରି ପିନ୍ଧିଥାଏ । ଋତୁସ୍ରାବ ବନ୍ଦ ହେବା ପରେ ସେ ଶୁଚୀ ହୋଇଥାଏ । ଗୋଟିଏ ଝିଅର ଏପରି ସମୟ ଆଗତ

ହେଲେ, ତାହାର ବିବାହ କରିବାକୁ ଯୋଗ୍ୟତା ଆସିଗଲା ବୋଲି ଭାବିଥାନ୍ତି । ଏହାପରଠାରୁ ଉକ୍ତ ଝିଅର ପିତାମାତା ଉପଯୁକ୍ତ ବରପାତ୍ର ଦେଖି ଝିଅକୁ ବିବାହ ହେବା ନିମନ୍ତେ ତତ୍ପର ହୋଇ ଉଠିଥାନ୍ତି ।

## ୫- ବିବାହ



ବିବାହ ଅବସରରେ ଧାଂଙ୍ଗ୍ରା ଧାଂଙ୍ଗ୍ରିଙ୍କ ହସରୋଳ

କୁଟିଆ କନ୍ଧ ସମାଜରେ ବହୁବିଧ ବିବାହ ପରିଲକ୍ଷିତ ହୋଇଥାଏ । କେତେକ କ୍ଷେତ୍ରରେ ଗୋଟିଏ ଧାଙ୍ଗେଡ଼ା ଗୋଟିଏ ଧାଙ୍ଗେଡ଼ିକୁ ବିବାହ କରିବାକୁ ଯାଇ ବର୍ଷବର୍ଷ ଧରି ଅପେକ୍ଷାକରି କନ୍ୟା ପକ୍ଷକୁ ମଦ, ପୋଡ଼, ଭୋଜି ଦେଇ ଦେଇ ସର୍ବସ୍ୱାନ୍ତ ହୋଇ ଯାଇଥାନ୍ତି । ଏ କ୍ଷେତ୍ରରେ ସେ ସମାଜର ପ୍ରଚଳିତ ରୀତି ନୀତିକୁ ମାନି ନେଇ କରିଥାଏ । ଅନ୍ୟ ପକ୍ଷରେ ଗୋଟିଏ ଧାଙ୍ଗେଡ଼ା ଗୋଟିଏ

ଧାଙ୍ଗେଡ଼ିକୁ ବିବାହ କରିବାକୁ ଚାହୁଁଥିବା ବେଳେ, ଧାଙ୍ଗେଡ଼ାଟି ବ୍ୟୟ ବହୁଳ ବିବାହ କରିବାକୁ ଅସମର୍ଥ ଜାଣି, ଧନରେ ନ ପାରିଲେ ମଧ୍ୟ ବଳ ପ୍ରୟୋଗ କରି ଝିକି ଆଣି ବା ଜବରଦସ୍ତ ବିବାହ ପାଇଁ ଚେଷ୍ଟା କରିଥାଏ । ବଳ ପ୍ରୟୋଗ କରି ବିବାହ କରିବା ମଧ୍ୟ କୁଟିଆମାନଙ୍କର ସମାଜ ସ୍ୱୀକୃତ ଅଟେ । ସେମାନଙ୍କ ସମାଜରେ ନିମ୍ନଲିଖିତ ବିବାହ ପ୍ରଚଳିତ ଥାଏ :-

କ- ପ୍ରସ୍ତାବିତ ବିବାହ (କାତାବାର୍ଗା ୟାନାଙ୍ଗାଣି ସେଡ଼ିତାପନ୍ଦି)

ଖ- ଝିକାଟଣା ବିବାହ (ରୋଜାନ୍ତା କନା)

ଗ- ପ୍ରେମ ବିବାହ (ଦୋଷ୍ଟୁ ସେଡ଼ି)

ଘ- ବହୁବିବାହ (ସାନ୍ଦିଲି ବନ୍ଧିଲି ସେଡ଼ିତା ଚାନେଞ୍ଜୋ)

ଙ- ବିଧବା ବିବାହ (ରାଣ୍ଡି ସେଡ଼ି, ରାଣ୍ଡେଜା ସେଡ଼ି)

କୁଟିଆମାନେ ସମାଜ ସ୍ୱୀକୃତ ଯେଉଁ ପ୍ରକାର ବିବାହ କରନ୍ତୁ-ନା କାହିଁକି, ସେମାନେ ପ୍ରଥମେ ଉଭୟ ବର ଓ କନ୍ୟା ପକ୍ଷର କ୍ଲିଲ୍ଲି ବା (କ୍ଲାନ୍) ବଂଶ ଦେଖିଥାନ୍ତି । କେହି ସମ ଗୋତ୍ର ବା ବଂଶରେ ବିବାହ କରନ୍ତି ନାହିଁ । ସମ ଗୋଷ୍ଠୀରେ ସଦସ୍ୟ ମାନେ ପରସ୍ପରର ଭାଇ ଭଉଣୀ ବୋଲି ବିଶ୍ୱାସ କରିଥାନ୍ତି । ଅନ୍ୟ ପକ୍ଷରେ ମଧ୍ୟ ଗୋଟିଏ ଗ୍ରାମରେ ବସବାସ କରୁଥିବା ସମସ୍ତ ଧାଙ୍ଗେଡ଼ା ଧାଙ୍ଗେଡ଼ି ପରସ୍ପର ଭାଇ ଭଉଣୀ ସଦୃଶ । ତେଣୁ ଏମାନଙ୍କ ମଧ୍ୟରେ ବି ବିବାହ ନିଷିଦ୍ଧ ଅଟେ ।

## କ- ପ୍ରସ୍ତାବିତ ବିବାହ

କୁଟିଆ ଭାଷାରେ ପ୍ରସ୍ତାବିତ ବା ଆଲୋଚନାତ୍ମକ ବିବାହକୁ ''କାତାବାର୍ତ୍ତା ୟାନଙ୍ଗାଣି ସେଡ଼ିତା ପନ୍ଦି '' ବିବାହ କୁହନ୍ତି । କୁଟିଆମାନଙ୍କର ଏହି ପ୍ରସ୍ତାବିତ ବା କାତାବାର୍ତ୍ତା ୟାନାଙ୍ଗାଣି ବିବାହଟି ଅତ୍ୟନ୍ତ ବ୍ୟୟ ବହୁଳ ଏବଂ ସମୟସାପେକ୍ଷ । ଏହି ବିବାହ ପାଇଁ ବର ପକ୍ଷରୁ କନ୍ୟା ପକ୍ଷକୁ ବାରମ୍ବାର ମଦଭାର, ବୋଦା, ଛେଳି ଉପଢ଼ୌକନ ଇତ୍ୟାଦି ଦେଇଆସିବାକୁ ପଡ଼ିଥାଏ ଏବଂ ଝିଅକୁ ବାହାହୋଇ ନିଜ ଘରକୁ ଆଣିବା ପାଇଁ ପ୍ରାୟ ପାଞ୍ଚ ଛଅ ବର୍ଷ ଅପେକ୍ଷା କରିବାକୁ ପଡ଼ିଥାଏ ।

ପୁଅକୁ ସାଧାରଣତଃ ପନ୍ଦର କୋଡ଼ିଏ ବର୍ଷ ଏବଂ ଝିଅକୁ ବାର ଚଉଦ ବର୍ଷ ହେବା ପରେ ଏହି ପ୍ରସ୍ତାବିତ ବିବାହର ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏଥିପାଇଁ ପୁଅ ପକ୍ଷର ପିତା ମାତା ପ୍ରଥମେ ଗୋଟିଏ ଉପଯୁକ୍ତ ଝିଅକୁ ଦେଖି ବୋହୂକରି ଆଣିବା ପାଇଁ ମନ ବଳାଇଥାନ୍ତି । ବରପିତା ଓ ଆଉ ଦୁଇ ତିନି ଜଣ ଲୋକ ଉକ୍ତ କନ୍ୟା ଘରକୁ ଯାଇ ଗୁପ୍ତ ଭାବରେ ମନେ ମନେ ପସନ୍ଦ କରିଥିବା ଝିଅଘରର ଦୁଆର ମୁହଁରେ ଗୋଟିଏ ମଦଭାର ଥୋଇ ଦେଇ ଆସିଥାନ୍ତି । କନ୍ୟାପକ୍ଷ ଖୋଳତାଡ଼ କରି କିଏ ଏ ମଦଭାର ରଖିଛି ଜାଣି ଏ ବିବାହ ପ୍ରସ୍ତାବରେ ରାଜି ଥିଲେ ପାଞ୍ଚ ଦିନ ମଧ୍ୟରେ ଖବର ବରପିତାଙ୍କ ପାଖକୁ ନ ଦେଲେ ଏ ବିବାହ ପ୍ରସ୍ତାବ ଉପରେ କନ୍ୟା ପିତା ରାଜି ବୋଲି ବରପକ୍ଷ ଧରି ନେଇଥାନ୍ତି । ପୁନର୍ବାର ୧ ବର୍ଷ ପରେ ଦ୍ୱିତୀୟ ଥର ବରପକ୍ଷରୁ

ଗୋଟିଏ ଟିଣ ମଦ, ଗୋଟିଏ ବୋଦା/ଘୁଷୁରି/ପୋଢ଼ କନ୍ୟା ପିତାଙ୍କ ଘରକୁ ନେଇ ଭେଟି ଦେଇଥାନ୍ତି । ମାତ୍ର ନେଇକରି ଯାଇଥିବା ଲୋକ ଏ ଗୁଡ଼ିକୁ ଖାଇନଥାନ୍ତି । କନ୍ୟା ପକ୍ଷ ଲୋକମାନେ ଏହାକୁ ଖାଇଥାନ୍ତି ।

ପୁନର୍ବାର ତୃତୀୟ ଥର ପାଇଁ ଏକ ବର୍ଷ ପରେ ଠିକ ସେହିପରି ମଦ ସହିତ ପୋଢ଼/ବୋଦା/ଘୁଷୁରି ବରପକ୍ଷରୁ କନ୍ୟାପକ୍ଷକୁ ଦେଇଥାନ୍ତି ମାତ୍ର ଚତୁର୍ଥ ଥର କନ୍ୟାର ମା' ପାଇଁ ଗୋଟିଏ ପୋଢ଼ କନ୍ୟା ପକ୍ଷରୁ ବରପକ୍ଷ ନିକଟରେ ଦାବି କରାଯାଇଥାଏ । ବରପକ୍ଷରୁ ଧଳା ମୋଟା ଚାଦର ଗୋଟିଏ, କଂସା ଦୁଇଟା, ପୋଢ଼ ସହିତ ଉପଢ଼ୌକନ ନେଇ କନ୍ୟା ଘରକୁ ଦେଇଥାନ୍ତି । ଗଲାବେଳେ ପୁଅଘରେ ଜାନି କିଛି ମନ୍ତ୍ର ପାଠ ପୂର୍ବକ ପୂଜାଅର୍ଚ୍ଚନା କରିଥାନ୍ତି । ପୁନର୍ବାର ଏକ ବର୍ଷ ପରେ ପଞ୍ଚମ ଥର ପାଇଁ ପୁଅ ପକ୍ଷରୁ କନ୍ୟାର ମା'କୁ ତାର ଭାବି ଜ୍ୱାଇଁ ଘରେ ପୋଢ଼/ଘୁଷୁରି ପୋଡ଼େଇ ଭୋଜି ଖାଇବାପାଇଁ ଆମନ୍ତ୍ରଣ କରିଥାନ୍ତି । ପ୍ରାୟ ଏହାର ଛଅ ସାତ ମାସ ପରେ ପୁଣି ବରପକ୍ଷ ଝିଅର ଭାଇକୁ ନିମନ୍ତ୍ରଣ କରି ଗୋଟିଏ ଘୁଷୁରି ବା ପାଢ଼ି ମାରି ଖାଇବାକୁ ଦେଇଥାନ୍ତି ।

ଏହାର କିଛି ଦିନ ପରେ ପୁଅ ପକ୍ଷରୁ ଚାରି ପାଞ୍ଚ ଜଣ ଲୋକ ଝିଅ ଘରକୁ ''ବାଇଦା'' (ବାହଘର ଦିନ) ମାଗି ଯାଇଥାନ୍ତି । ନିର୍ଦ୍ଦିଷ୍ଟ ଦିନରେ ପୁଅପକ୍ଷ- ଝିଅ ଘରକୁ ପୋଢ଼ ଓ ଅନ୍ୟାନ୍ୟ ଭୋଜି ସାମଗ୍ରୀ ଧରି ଯାଇଥାନ୍ତି । ଗ୍ରାମବାସୀମାନେ ସମସ୍ତେ ଭୋଜି ଖାଇଲା ପରେ ପୁଅପକ୍ଷ କନ୍ୟା ଧରି ଫେରି ଆସିବାକୁ ପ୍ରସ୍ତୁତ ହୁଅନ୍ତି । ପ୍ରଚଳିତ

ପ୍ରଥାନୁଯାୟୀ କନ୍ୟାକୁ ଆଣିବା ସମୟରେ (କନ୍ୟାଗ୍ରାମରେ) କନ୍ୟା ଗ୍ରାମ ମୁଣ୍ଡରେ ଗୋଟିଏ ଖୁଣ୍ଟକୁ କୁଣ୍ଢାଇ ଧରିଥାଏ । ଯେପରି ସେ ବରଘରକୁ ଯିବାକୁ ରାଜି ନୁହେଁ । ବର ଗ୍ରାମରୁ ଯାଇଥିବା ଧାଙ୍ଗେଡ଼ୀମାନେ କନ୍ୟାକୁ ଟାଣି ନେଇ ଆସିବାକୁ ଚେଷ୍ଟାକରନ୍ତି । ଏହି ସମୟରେ କନ୍ୟା ଗ୍ରାମର ଧାଙ୍ଗେଡ଼ୀମାନେ କନ୍ୟାକୁ ନ ଯିବାରେ ସାହାଯ୍ୟ କରନ୍ତି । ଉଭୟ ଦଳ ମଧ୍ୟରେ ଝିଙ୍କାଟଣା ହୋଇଥାଏ । ଶେଷରେ ବରପକ୍ଷ ଧାଙ୍ଗେଡ଼ୀ ମାନେ ଛିଡି ବରଗ୍ରାମକୁ ଧରି ଫେରି ଆସନ୍ତି । ଏମାନଙ୍କ ସହ କନ୍ୟା ଗ୍ରାମର ଲୋକମାନେ ମଧ୍ୟ ଆସିଥାନ୍ତି । ଶୋଭାଯାତ୍ରାରେ ଉଭୟ ପକ୍ଷର ଧାଙ୍ଗେଡ଼ା ଧାଙ୍ଗେଡ଼ୀ ମାନେ ଆନନ୍ଦର ସହ ନାଚଗୀତ କରି ବାହାଘର ଗୀତ ଗାଇ ବାଜା ବଜାଇ ଆସିଥାଆନ୍ତି । ସମସ୍ତେ ବର ଗ୍ରାମରେ ପହଞ୍ଚିଲେ ଜାନି ଏଠାରେ ଗ୍ରାମକୁ ରୋଗ ମୁକ୍ତ କରିବା ପାଇଁ ଗୋଟିଏ କୁକୁଡ଼ା ଅଣ୍ଡା ପୂଜା କରିଥାନ୍ତି । ବର ଘରେ ଝିଅର ପାଦକୁ ହଳଦି ପାଣିରେ ଧୋଇ ଦେଇ ମୁଣ୍ଡରେ ଟୁପା ଲଗାଇ ଗୃହ ପ୍ରବେଶ କରାଇଥାନ୍ତି । ଏହାର ଠିକ୍ ଆଠ ଦିନ ପରେ ଝିଅର ବାପା ମା' ଝିଅକୁ ନେବାପାଇଁ ଆସିଥାନ୍ତି । ନେବା ସମୟରେ ଗ୍ରାମ ଦେବୀଙ୍କ ପାଖରେ ଚାଉଳ, କୁକୁଡ଼ା ପର, ତେଲ ଇତ୍ୟାଦିରେ ପୂଜା କରାଯାଇଥାଏ । ଏହି ସମୟରେ କନ୍ୟା ମାତାପିତା କନ୍ୟାମୂଲ୍ୟ ବାବଦକୁ ଚାଉଳ ପ୍ରାୟ ୨୦ରୁ ୨୫ କେଜି, ପୋଢ଼, ବଳଦ, ଛତା ଇତ୍ୟାଦି ପାଇଥାନ୍ତି । କନ୍ୟା ବରଘରେ ଆଠଦିନ ରହିଲେ ମଧ୍ୟ ଏହି ସମୟରେ ସେମାନେ କେହି କାହାରିକୁ ଦେଖିବା ନିଷେଧ । ଏହାର କିଛି ଦିନ ପରେ ବର

ନିଜେ କନ୍ୟା ଗ୍ରାମକୁ ଯାଇ ଆଉଥରେ ଭୋଜିଭାତ ଓ କନ୍ୟାସୁନା ଦେବା ପରେ କନ୍ୟାକୁ ଆଣିଘରେ ବିବାହିତ ଜୀବନ ଯାପନ କରି ରହିବାକୁ କ୍ଷମ ହୋଇଥାଏ ।

କେହି କେହି କନ୍ୟାପକ୍ଷରୁ ବରକୁ ଉପଢୌକନ ହିସାବରେ ସୁନା, ଚାଉଳ, ଛତା, ପୋଢ଼, ବଳଦ ମଧ ଦେଇଥାନ୍ତି ।

ଖ- ଝିଙ୍କାଟଣା ବିବାହ (ରେଜାଣ୍ଡା - କାନା)

ଝିଙ୍କାଟଣା ବିବାହର ଅର୍ଥ ହେଉଛି ଗୋଟିଏ ପୁଅ ଗୋଟିଏ ଝିଅକୁ ବଳ ପ୍ରୟୋଗ କରି ଝିକି ଆଣି ବିବାହ କରିବା । ଯଦିଓ ଏହା ଏକ ଘୋର ଜବରଦସ୍ତ କାର୍ଯ୍ୟ, ମାତ୍ର ଏହା କୁଟିଆ କନ୍ଧ ସମାଜରେ ସ୍ୱୀକୃତ । ଏମାନଙ୍କ ମଧରେ ଏହି ବିବାହ ଦୁଇ ପ୍ରକାର ଦେଖାଯାଇଥାଏ । କନ୍ୟାପିତା, ବରପିତାଙ୍କୁ ବିବାହ ପାଇଁ ଜବାବ ଦେଇ ଯଦି ଠିକ ସମୟରେ କନ୍ୟାକୁ ନ ଦିଅନ୍ତି, ତେବେ ବରପକ୍ଷରୁ କେତେଜଣ ଧାଙ୍ଗେଡ଼ାଙ୍କ ସହ ବର ଯାଇ କନ୍ୟାକୁ ତାଙ୍କ ଗ୍ରାମରୁ ବଳାତ୍କାରରେ ଝିକି ଆଣି ଚାଲି ଆସିଥାଏ । କନ୍ୟାର ପିତାମାତା ନିରୁପାୟ ହୋଇ ବର ଘରକୁ ଆସି କନ୍ୟାସୁନା ସ୍ଥିରକରି ନିଜ କନ୍ୟାକୁ, ବର ହାତରେ ସମ୍ପ୍ରଦାନ କରିଥାନ୍ତି ।

ଝିଙ୍କାଟଣା ବିବାହର ଦ୍ୱିତୀୟ ପ୍ରକାରଟି ପ୍ରଥମ ପ୍ରକାରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଅଟେ । ଏ କ୍ଷେତ୍ରରେ ଭାବି ବର କନ୍ୟାଙ୍କ ମଧରେ ଆଗରୁ ସମ୍ପର୍କ ଥାଉ ବା ନଥାଉ ଉଭୟ ଉଭୟଙ୍କୁ ଜାଣିଥାନ୍ତୁ

ବା ନଥାନ୍ତୁ ଏଥିରେ କିଛି ଯାଏ ଆସେ ନାହିଁ । ହାଟ, ବଜାର, ମେଳା ବା ଉତ୍ସବରେ ଗୋଟିଏ ଧାଙ୍ଗେଡ଼ା ଗୋଟିଏ ଧାଙ୍ଗେଡ଼ୀକୁ ଦେଖି ତାକୁ ବାହା ହେବା ପାଇଁ ମନ ବଳାଇଲେ, ସେ ଉକ୍ତ କନ୍ୟାକୁ ତାର ସାଙ୍ଗ ସାଥିମାନଙ୍କ ଜରିଆରେ ନିଜ ଘରକୁ ଉଠାଇ ଆଣିଥାଏ । ଏବଂ ପରେ କନ୍ୟା ପିତାଙ୍କ ନିକଟକୁ ଖବର ଦେଇଥାଏ । ଏପରି କ୍ଷେତ୍ରରେ କନ୍ୟାପିତା ସଦଳବଳେ ବରଘରକୁ ଯାଇ ଝିଅକୁ ଫେରାଇ ନେବା ପାଇଁ ପାଟି ତୁଣ୍ଡ ଝଗଡ଼ା କରିଥାଏ । ଯଦି ଝିଅଟି ରାଜି ତେବେ କନ୍ୟାପିତା କନ୍ୟାସୁନା ଠିକ୍ କରି ସେଠାରେ ଝିଅକୁ ବିବାହ ଦେଇଥାଏ । ଯଦି ଝିଅ ଅରାଜି ହୁଏ ତେବେ କନ୍ୟାକୁ ଧରି କନ୍ୟାପିତା ଘରକୁ ଫେରି ଆସିଥାଏ । ତେବେ ଝିକା ହୋଇଥିବା କନ୍ୟାଟି ନିଜଘରକୁ ନଫେରି ଝିକିଥିବା ଧାଙ୍ଗଡ଼ାକୁ ବାହାହେବାର ବହୁତ ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ ।

ଝିକାଟଣା ବିବାହ କୁଟିଆ କନ୍ଧ ସମାଜରେ ବହୁଳଭାବରେ ଦେଖାଯାଇଥାଏ । ଏହାର କାରଣ ଏ ପ୍ରକାର ବିବାହରେ ଧାଙ୍ଗେଡ଼ାଟିକୁ ବହୁତ କମ୍ ଖର୍ଚ୍ଚ କରିବାକୁ ପଡ଼ିଥାଏ । ପ୍ରସ୍ତାବିତ ବିବାହ କରିବାକୁ ଅସମର୍ଥ ଥିବା କୁଟିଆ ଧାଙ୍ଗେଡ଼ା ମାନେ ସାଧାରଣତଃ ଅନ୍ୟଉପାୟ ନପାଇ ଏହି ଝିକାଟଣା ମାର୍ଗଟିକୁ ବାଛି ନେଇ ନିଜ ଜୀବନସାଥିକୁ ପାଇବାକୁ ସମର୍ଥ ହୋଇଥାନ୍ତି ।

### ଗ- ପ୍ରେମ ବିବାହ (ଦୋଷ୍ଟୁସେଡ଼ି)

କୁଟିଆ ସମାଜରେ ଗୋଟିଏ ଧାଙ୍ଗେଡ଼ା ଗୋଟିଏ ଧାଙ୍ଗେଡ଼ୀକୁ ଭଲପାଇ ତା ସହିତ ଆଗରୁ ସମ୍ପର୍କ ରଖି ଯଦି ତାହାକୁ ବାହାହୁଏ

ତେବେ ସେମାନଙ୍କ ଭାଷାରେ ଏହାକୁ ''ଦୋଷୁସେଡ଼ି'' ବା ପ୍ରେମ ବିବାହ କହିଥାନ୍ତି । ଏ ପ୍ରକାର ବିବାହରେ ଗୋଟିଏ ଧାଙ୍ଗେଡ଼ା ଓ ଗୋଟିଏ ଧାଙ୍ଗେଡ଼ୀ ପରସ୍ପର ପରସ୍ପରକୁ ପ୍ରଥମେ ଭଲଭାବରେ ଜାଣିଥାନ୍ତି । ତାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ଼ ହେବାପରେ ନିଜ ନିଜର ପିତାମାତାଙ୍କୁ ଏ ବିଷୟରେ ଅବଗତ କରି ବାହାହେବା ପାଇଁ ମନଦେଇଥାନ୍ତି । ମାତ୍ର ଗୋଟିଏ ଧାଙ୍ଗେଡ଼ା ଗୋଟିଏ ଧାଙ୍ଗେଡ଼ୀକୁ ପ୍ରେମ କରିବା ଧାଙ୍ଗେଡ଼ୀ ଭେଟରୁ ଆରମ୍ଭ ହୁଏ । ଥରେ ମନ ମିଳିଲେ ଧାଙ୍ଗେଡ଼ାଟି ବିଭିନ୍ନ ପ୍ରକାର ଉପଢ଼ୌକନମାନ ଧାଙ୍ଗେଡ଼ୀଟିକୁ ଦେଇ ତାର ମନକୁ କିଣି ନେବା ପାଇଁ ଚେଷ୍ଟା କରିଥାଏ । ଧାଙ୍ଗେଡ଼ୀକୁ କେତେବେଳେ ପାନିଆ, ପାଉଡ଼ର, ଅତର ଭଳି ଜିନିଷ ଦେବାକୁ ପଡ଼ିଥାଏ ତ ପୁଣି କେତେବେଳେ ସାବୁନ୍ ତେଲ ଇତ୍ୟାଦି ଦେଇ ତାର ମନ ତୋଷିବାକୁ ଚେଷ୍ଟା କରିଥାଏ । ଏଥିରେ ଧାଙ୍ଗେଡାଟି କୃତକାର୍ଯ୍ୟ ହେଲେ ସେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥାଏ । ଏପରି ଭାବରେ ସମ୍ପର୍କ ନିବିଡ଼ ହେବାପରେ ଉଭୟ ଉଭୟଙ୍କ ପିତାମାତାଙ୍କୁ ଅବଗତ କରାଇ ବିବାହ ପାଇଁ କହିଥାନ୍ତି । ଯଦି ଦୁଇ ଜଣଙ୍କ ପିତା ମାତା ରାଜି ତେବେ ପୂର୍ବରୁ ବର୍ଣ୍ଣିତ ''ପ୍ରସ୍ତାବିତ'' ବିବାହ ବା ସେମାନଙ୍କ ଭାଷାରେ ''ଲାଗାଡାଙ୍ଗା ଧାନଙ୍ଗାଣି ସେଡ଼ିତା ପନ୍ଦି'' ମାଧ୍ୟମରେ ବାହା ହୋଇଥାନ୍ତି । ଅନ୍ୟ ପକ୍ଷରେ ପିତାମାତା ଅରାଜିଥିଲେ ଏମାନେ ଲୁଚି ଛପି ଦୂର ସମ୍ପର୍କୀୟଙ୍କ ଘରକୁ ବା ଅନ୍ୟ କେଉଁଠିକୁ ପଳାଇ ଯାଇଥାନ୍ତି । ଏବଂ କିଛିଦିନ ଏକାଠି ବସବାସ କଲାପରେ ଫେରିଥାନ୍ତି କିମ୍ବା ଉଭୟଙ୍କ ମାତାପିତା ଏମାନଙ୍କୁ ଖୋଜି ଆଣି ଉଭୟଙ୍କର ବାହାଘର କରାଇଥାନ୍ତି । ଅନ୍ୟପକ୍ଷରେ ପୁଅର ବାପା ମା ରାଜି ଥାଇ ଝିଅର ବାପା ମା ରାଜି

ନଥିଲେ ଏ ପ୍ରେମ ବିବାହରେ ''ଝିକାଟଣା''ର ପଦ୍ଧତିକୁ ଧାଙ୍ଗେଡ଼ାକୁ ଅବଲମ୍ବନ କରିବାକୁ ପଡ଼ିଥାଏ । ସେ ଧାଙ୍ଗେଡ଼ୀକୁ ହାତକରି ହାଟ ବଜାର, ମେଳା ବା ଉତ୍ସବରୁ ସାଙ୍ଗମାନଙ୍କ ଜରିଆରେ ଉଠାଇ ଆଣି ବାହା ହୋଇଥାଏ ।

ଘ- ବହୁ ବିବାହ - (ସାନ୍ଧିଲି ବନ୍ଧିଲି ସେଡ଼ିତା ଚାନଙ୍ଗୋ)

କୁଟିଆ ସମାଜରେ ବହୁ ବିବାହର ମଧ୍ୟ କେତେକ ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ । ଗୋଟିଏ ପୁରୁଷ ଏକା ସମୟରେ ଦୁଇଟି ସ୍ତ୍ରୀ ବାହାହୋଇ ଘରସଂସାର କରିବା ସେମାନଙ୍କ ସମାଜ ସ୍ୱୀକୃତ ଅଟେ । ମାତ୍ର ଗୋଟିଏ ସ୍ତ୍ରୀ ଏକା ସମୟରେ ଏକରୁ ଅଧିକ ପୁରୁଷକୁ ବାହାହେବା ସେମାନଙ୍କ ସମାଜର ନିୟମ ବିରୁଦ୍ଧ ଅଟେ । ମାତ୍ର ଜଣେ କୁଟିଆ ସ୍ତ୍ରୀ ଲୋକ କୌଣସି କାରଣରୁ ପ୍ରଥମ ପୁରୁଷକୁ ଛାଡ଼ି ଅନ୍ୟ ଗୋଟିଏ ପୁରୁଷକୁ ନିଜର ଜୀବନ ସାଥି ରୂପେ ବାଛିବାର ଅଧିକାର ପାଇଥାନ୍ତି । ଅନ୍ୟ ପକ୍ଷରେ ସ୍ତ୍ରୀ ଲୋକର ପୁରୁଷ ମରିଗଲେ ସେ ମଧ୍ୟ ଆଉଜଣେ ପୁରୁଷକୁ ଗ୍ରହଣ କରି ପାରିଥାଏ । ମାତ୍ର ଉପର ବର୍ଣ୍ଣିତ ସମସ୍ତ ପ୍ରକାର ବହୁ ବିବାହ ପାଇଁ କୁଟିଆ ସମାଜର ପଞ୍ଚାୟତ ପାଖରେ ଯୁକ୍ତି ଯୁକ୍ତ କାରଣ ଦର୍ଶାଇବାକୁ ପଡ଼ିଥାଏ । ଉଦାହରଣତଃ ଗୋଟିଏ ପୁରୁଷ ଯଦି ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବାକୁ ଚାହିଁଥାଏ, ତେବେ ତାହାର ପ୍ରଥମ ସ୍ତ୍ରୀ ତାକୁ ଛାଡ଼ ପତ୍ର ଦେଇଥିବା ଦରକାର କିମ୍ବା ପ୍ରଥମ ସ୍ତ୍ରୀ ଅପୁତ୍ରିକ (ନିସନ୍ତାନ) ହେବା ଆବଶ୍ୟକ କିମ୍ବା ଶାରିରୀକ ପରିଶ୍ରମ କରିବା ପାଇଁ ଅକ୍ଷମ ହୋଇଥିବା ଦରକାର । ଏପରି ସ୍ଥଳରେ ପୁରୁଷଟି ଦୁଇଟି ସ୍ତ୍ରୀ ରଖିପାରିଥାଏ ।

## ୫- ବିଧବା ବିବାହ (ରାଣ୍ଡି ସେଡ଼ି/ରାଣ୍ଡେଢା ସେଡ଼ି)

ବିଧବା ବିବାହକୁ କୁଟିଆମାନେ ରାଣ୍ଡି ସେଡ଼ି ବା ରାଣ୍ଡେଢା ସେଡ଼ି କହିଥାନ୍ତି । ଗୋଟିଏ ସ୍ତ୍ରୀଲୋକ ମରିଗଲେ ସ୍ୱାମୀ ଆଉ ଗୋଟିଏ ବିବାହ କରିବାର ଅଧିକାର କୁଟିଆ ସମାଜରେ ପ୍ରଚଳିତ ଅଛି । ଉକ୍ତ ପୁରୁଷ ନିଜର ମୃତ ସ୍ତ୍ରୀର ସାନ ଭଉଣୀକୁ ବାହା ହୋଇପାରେ । କିମ୍ବା ଜଣେ ଅବିବାହିତ ଧାଙ୍ଗଡ଼ୀକୁ ବାହା ହୋଇ ପାରେ । ସେ ମଧ ଜଣେ ରାଣ୍ଡି (ଯାହାର ପୁରୁଷ ମରି ଯାଇଥିବ)କୁ ବାହା ହୋଇପାରେ । ପ୍ରଥମ ଦୁଇଟି କ୍ଷେତ୍ରରେ ତାକୁ ପୂର୍ଣ୍ଣ କନ୍ୟା ସୁନା ଦେବାକୁ ପଡ଼ିଥାଏ । ମାତ୍ର ତୃତୀୟ କ୍ଷେତ୍ରରେ ବାହା ହେବାକୁ ଯାଇଥିବା ବିଧବା ପୁରୁଷ ଲୋକଟି ଯେଉଁ କନ୍ୟା ସୁନା ଦିଏ ତାହା ଦୁଇଭାଗ ହୋଇଥାଏ । ଗୋଟିଏ ଭାଗ (ରାଣ୍ଡି) ସ୍ତ୍ରୀ ଲୋକର ଶଶୁର ଘର ନେଇଥାନ୍ତି ଏବଂ ଅନ୍ୟ ଭାଗଟି ତାର ବାପଘର ପାଇଥାନ୍ତି ।

ବିଧବା ପୁରୁଷ ଲୋକ ପରି ବିଧବା ସ୍ତ୍ରୀଲୋକ ମଧ କୁଟିଆ ସମାଜରେ ବାହାହେବା ପାଇଁ ଅଧିକାର ପାଇଛି । ସେ ଜଣେ ବିଧବା ପୁରୁଷ ବାହାହୋଇ ପାରେ ବା ଜଣେ ଅବିବାହିତ ପୁରୁଷକୁ ମଧ ବାହାହୋଇ ପାରିଥାଏ ।

### ବାହାଘର ବେଳେ ଧାଙ୍ଗେଡ଼ା ଧାଙ୍ଗେଡ଼ୀଙ୍କର ଗୀତ

ଶୁଚେଲ ସାଜି ଚାବେଶା, ସାଙ୍ଗେଲ ସାଜି ଚାବେଶା ।

ସିରା ଆବା ଆତଲି, ସିରା କୋକି ଆତାଲି ।

| | |
|---|---|
| କଟା ମୁଣ୍ଡ କୋଏଟି, | ନେଇ ମୁଣ୍ଡା କୋଏଟି । |
| ଢାକା ବିଲୁ କଡ଼ାନେ, | ଢାକା ଆମ୍ବୁ କତାନେ । |
| ଢାକା କୁରାଡ଼ି କଡ଼ାଦେ, | ଢାକା ଟାଙ୍ଗାରୀ କଡ଼ାନେ । |
| ଇନା କିଲୋ ଆବା, | ଇନା କିଲୋ କୋକି । |
| ଢାକା କୁରାଡ଼ୀ କଡ଼ାନ୍ଦି, | ଢାକା ଟାଙ୍ଗାରୀ କଡ଼ାନ୍ଦି । |
| ଢାକା ବିଲୁ କଡ଼ାନ୍ଦି, | ଢାକା ଆମ୍ବୁ କଡ଼ାନ୍ଦି । |
| ନେକରୀ ଅଡ଼େ ଆବା, | ନେକରୀ ଅଡ଼େ କକୀ । |
| ରାହା ରାହା ଆଢନ୍ଦି, | ଡାକ ଡାକ ଆଢନ୍ଦି । |
| ନେଂଢୁ ଇନିଂଢେ ଲାଂଢା, | ନେଢୁ ଇନିକାଲେଙ୍ଗା । |
| ଆବାରଡ଼େ ଆପୁ, | ଆବାନଡ଼େ ବୁଢ଼ । |
| ମି ସାରିଙ୍ଗ ଆତାଲି, | ମି ଢୁଡ଼ିଙ୍ଗ୍ ଆତାଲି । |
| ନାସା ମେଦେ ମାଞ୍ଜାନି, | ତୁଙ୍ଗାମେଦେ ମାଞ୍ଜାନି । |
| ସୁଇ ସଢାଡ଼ା ମାଞ୍ଜାନେ, | ଅସନା ସଢଡ଼ା ମାଞ୍ଜାନେ । |
| ସାଲୁମ ଦୁଆ ସିକାନି ପାଡ଼, | କାଡା ସିକାନି ପାଡ଼ । |
| ସାଲୁମ କାତା ଓ୍ୱେଙ୍ଗିନୀ ପାଡ଼ | ସାଲୁମ ବାର୍ତ୍ତାଓ୍ୱେଙ୍ଗିନ୍ ପାଡ଼ । |
| ଚେଡ଼ି କପୋଲ ତାଲି, | ଉତୁ କପୋଲି ତାଲି । |
| ରେଟା ଗନ୍ଦା ଓସ୍ତାଲି, | ରେଟା ବେଡ଼ା ଓସ୍ତାଲି । |

ନାଲୁ ମେଦେ ମଞ୍ଜାନୀ,
ପାଦାର ମେଦେ ମଞ୍ଜାନୀ ।

ନାକୁଡ଼ୀ ସିଲା ଇଙ୍ଗାନୀ,
ବେଓର ସିଲା ଇଂଙ୍ଗାନୀ ।

ନାଲୁ ପାଟକେ ସାଙ୍ଗନେ,
ପାଦର ପାଟକେ ସାଙ୍ଗନେ ।

ଦାରନୀ ପାଟକେ ସାଙ୍ଗନେ,
ଙ୍ଗାକରେ ପାଟକେ ସାଙ୍ଗନେ ।

ମାଦାମାରା ରଣନେ,
ତାଡ଼େ ମାରା ଲାତାନେ ।

ଏ ଲୁମୁଣ୍ଡି ଲାତାନି,
କୁଡୁମୁଣ୍ଡି ଲାତାନି ।

କଡ଼ା ମିଟୁ କଡ଼ାମ ରାଣୀ,

ଓ୍ୱିଏ କଡ଼ି ବେତାଡ଼ା,
ଓ୍ୱିଏ ନେଟି ବେତାଡ଼ା ।

ମେରା ଟାଣ ସିଆ,
ସ୍ରିଙ୍ଗାଟାଣ ସିଆ ।

ଜେଲା ତେରେଗା ଦିଓ୍ୱାତେ,
କାଲି ତେରେ ଦିଓ୍ୱାତେ ।

ଡ଼େକୁଲ ପକା ଦିଓ୍ୱାତେ,
ସୁପ୍‌କା ପକା ଦିଓ୍ୱାତେ ।

ଓ୍ୱିଡ଼ିଲି ସୁଲୁ ଦିଓ୍ୱାତେ,
ପିଲୁ ସୁଡୁ ଦିଓ୍ୱାତେ ।

ପିରା ନମେରୀ ଜିଓ୍ୱାତେ,
ଦ୍ରାପା ନମେରୀ ଦିଓ୍ୱାତେ ।

ରାଙ୍ଗା ମାକା ମାଞ୍ଜାନୀ,
ପେନୁ ମାଗା ମାଞ୍ଜାନୀ ।

ସୁଇ ଆସେଲି ସାଲୁମ,
ଅସନା ଆସେଲି ସାଲୁମ୍ ।

ଲେଖା ରାଙ୍ଗି ମା' ଙ୍ଗାନୁ,
ଲିଖାତ ପେନୁ ମାଗାନୁ ।

[illegible] କଣ ଆତାଲୁ,
ଓ୍ୱାଲା ବେଲୁ ଆତାଲି ।

ଗୁଣ୍ଡୁତିଣିପା ତିନାଲି, ଲାଡୁ ତିନିପା ତିନାଲି ।
ଡାଲିଣା ଜାଙ୍ଗା କୁଏଟି, ମିଲାଣି ଜାଙ୍ଗା କୁଏଟି ।
ଏକ୍‌ଚି ସାନାଣାଇ, ରାପାଚି ସାନାଣାଇ ।
କିସ୍ ଇଂଜିମାନେ, କ'ଣ ଇଂଜିମାନେ ।
ଗୁଣ୍ଡୁ ସାକି ମାଗା, ଲାଡୁ ସାନ୍ଦିମାଗା ।
ସାନି ବଙ୍ଗଲା କଟାଣି, ସାଦାମ ବଙ୍ଗଲା କଟାଣି ।
ଓ୍ୱିରା ଜଙ୍ଗଲ ଡାଏତି, ବାଲି ଜଙ୍ଗଲା ଡାଏତି ।
ଜାଣି ସୁନା ସୁଜେରେଣ, ଜାଣି ରୂପା ସୁଜେରେଣା ।
ଢ଼ାପି ପିଟି ଢ଼ମ୍ୟେତା, ପାଣି ଲିହି ତିମ୍ୟେତା ।
ଲେକା ମିଣିପି ମଙ୍ଗାନି, ମାଡ଼ାକା ମିଣିଷି ମଙ୍ଗାନି ।
ତାନୁ ତୁରାନି, ତାନୁ ତଡୁପେନୁ ।
ତାଣି ସୋନା କଲମ୍ୟେଣ, ତାଣି ରୂପା କଲମ୍ୟେଣା ।
ଜାଣି ସୁନା କଲମ୍ୟେଣା, ଜାଣି ରୂପା କଲମ୍ୟେଣା ।
ନାଲୁ କିଆ ନାଙ୍ଗାଣୀ, ପାଲୁ କିଆ ନାଙ୍ଗାଣୀ ।
ଟାଣି ପିଛି ରେଲିପି, ଲିଙ୍ଗାମି ଲିହିରେଲିପି ମାଙ୍ଗାନି।
ଓ୍ୱେଡ଼ା ଓ୍ୱାନା ସନ୍ଦେକା, ଲାଞ୍ଜୋ ଓ୍ୱାନା ସନ୍ଦେକା ।
ଶୁକା ଓ୍ୱାନା ସନ୍ଦେକା, ତାରା ଓ୍ୱାନା ସନ୍ଦେକା ।

ରାଜି ଓ୍ୱାନା ସନ୍ଦେକା, ଗୋଡ଼ା ଓ୍ୱାନା ସନ୍ଦେକା ।
ଆତି ଓ୍ୱାନା ସନ୍ଦେକା, ଗୋଡ଼ାଓ୍ୱାନା ସନ୍ଦେକା ।
ନୋକି ଓ୍ୱାନା ସନ୍ଦେକା, ଜାଉ ଓ୍ୱାନା ସନ୍ଦେକା ।
କାଣ୍ଡା ଓ୍ୱାନା ସନ୍ଦେକା, ବଣଓ୍ୱାନା ସନ୍ଦେକା ।
ସିନ୍ଦେ ପାଟୁ ସନ୍ଦେକା, ମାନ୍ଦା ପାଟା ସନ୍ଦେକା ।
ଟାନୁ ତଡୁ ରାଜି, ଟାନି ତଡୁ ପେନୁ ।
ପିଟିରେ ଲିପି ମାଙ୍ଗାନି , ଲିହି ରେଲିପି ମାଙ୍ଗାନି ।

## ୬- ମୃତ୍ୟୁ (ସାବନ୍ଦି/ସାଟୋ)

କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ଏହା କୌଣସି ଅନିଷ୍ଟକାରୀ ଦେବାଦେବୀ ବା ଡୁମା କୃତ ବୋଲି କୁଟିଆମାନଙ୍କର ବିଶ୍ୱାସ । ଜଣେ ମରିଗଲା ପରେ ଘରେ ଆତ୍ମୀୟ ସ୍ୱଜନମାନେ କନ୍ଦା କଟା କରିଥାନ୍ତି । ଜଣେ ବୟସ୍କ ବ୍ୟକ୍ତିର ମୃତ୍ୟୁ ହେଲେ ଶୁଦ୍ଧି କ୍ରିୟା ଯେପରି ପାଳିତ ହୁଏ, ଜଣେ ଛୋଟ ଶିଶୁର ମୃତ୍ୟୁରେ ଶୁଦ୍ଧିକ୍ରିୟା ପୃଥକ ଭାବେ ମାନିଥାନ୍ତି । ଛୋଟ ଶିଶୁ ପାଇଁ କମ୍ ଦିନରେ ଶୁଦ୍ଧିକ୍ରିୟା ମାନିଥାନ୍ତି । କେହି ବଡ଼ ବେମାରୀ ବା ବସନ୍ତ ରୋଗରେ ମୃତ୍ୟୁ ବରଣ କଲେ, ତାଙ୍କୁ ନ ପୋଡ଼ି ପୋତି ଦେଇଥାନ୍ତି ।

ମୃତବ୍ୟକ୍ତିକୁ ଶ୍ମଶାନ୍ (ତୁଲେଣୀ)କୁ ନେବାପାଇଁ ଗୋଟିଏ ଦଉଡ଼ିଆ ଖଟ ଯୋଗାଡ଼ କରିଥାନ୍ତି । ଏହି ଶବ ବୁହାଯାଉଥିବା

ଦଉଡ଼ିଆ ଖଟକୁ ''କାଡ଼େଲ୍'' କହିଥାନ୍ତି । ସର୍ବଦା ଶବକୁ ଘରର ପଛପଟେ ବାହାର କରିଥାନ୍ତି । ଶବ ସାଙ୍ଗରେ ତାହାର ବ୍ୟବହୃତ ଆସବାବପତ୍ର ମଧ ତୁଲେଣି (ଶ୍ମଶାନ)କୁ ନେଇଥାନ୍ତି । ଏଗୁଡ଼ିକ ସବୁ ଶବ ସହ ଖଟ ଉପରେ ରଖି ବୋହି ନେଇଥାନ୍ତି । ଶବକୁ ବୋହି ନେବା ସମୟରେ କୌଣସି ସ୍ତ୍ରୀଲୋକ ତୁଲେଣିକୁ ଯିବା ମନା ।

ଶ୍ମଶାନ ପଡ଼ିଆରେ କେତେକ ଲୋକ ଶବଦାହ ପାଇଁ କାଠ ଯୋଗାଡ଼ କରି ଗୋଟିଏ ''ଗଦା'' ପ୍ରସ୍ତୁତ କରିଥାନ୍ତି । ଶବକୁ ଉକ୍ତ କାଠଗଦାର ଚତୁଃପାର୍ଶ୍ୱରେ ସାତଥର ବୁଲାଇ ଶବର ମୁଣ୍ଡକୁ ପୂର୍ବ ଦିଗକୁ କରି କାଠଗଦା ଉପରେ ରଖିଦେଇଥାନ୍ତି । ଶବକୁ ଖଟରେ ବୋହି ଆଣିଥିବା ଲୋକମାନଙ୍କ ମଧରୁ ଯେଉଁମାନେ ପଛପଟରେ କାନ୍ଧେଇ ଆସିଥିବେ ସେମାନେ ପ୍ରଥମେ ଅଗ୍ନିସଂଯୋଗ କରିଥାନ୍ତି ଏବଂ ଯେଉଁମାନେ ଆଗପଟରେ ବୋହି ଆସିଥିବେ , ସେମାନେ ପଛେ ଅଗ୍ନି ସଂଯୋଗ କରି ଶବଦାହ କରିଥାନ୍ତି । ଶବଦାହ ସମୟରେ ଆଣିଥିବା ଆସବାବପତ୍ର ମଧ ପୋଡ଼ି ଦେଇଥାନ୍ତି । ଶବଦାହପରେ ଶବକୁ ବୋହି ଆଣିଥିବା ଲୋକମାନେ ନଦୀ ବା ଝରଣାକୁ ଗାଧୋଇବାକୁ ଯାଇଥାନ୍ତି । ମାତ୍ର ମୃତ ବ୍ୟକ୍ତିର ଘରର ଲୋକମାନେ ଗାଧୋଇ ନଥାନ୍ତି ।

ମୃତ୍ୟୁର ଠିକ ଆଠ ଦିନ ପରେ ଶୁଦ୍ଧିକ୍ରିୟା କରିଥାନ୍ତି । ଉକ୍ତଦିନ ମୃତ ବ୍ୟକ୍ତି ଦ୍ୱାରା ବ୍ୟବହୃତ ଅସ୍ତ୍ରଶସ୍ତ୍ର, ଉପକରଣ ଓ ବାସନ କୁ ନେଇ ଶବଦାହ ସ୍ଥାନରେ ଥୋଇଦେଇ ଆସିଥାନ୍ତି । ଏହି ଦିନ ସମସ୍ତ

ବନ୍ଧୁବାନ୍ଧବ ଖବର ପାଇ ଆସିଥାନ୍ତି । ଏହି ଆଠଦିନ ପର୍ଯ୍ୟନ୍ତ କେହି କୌଣସି ପ୍ରକାର କାମ ଧନ୍ଦା କରନ୍ତି ନାହିଁ । ଆଠ ଦିନରେ ମାନୁଥିବା ଏହି ଶୁଦ୍ଧ କ୍ରିୟାକୁ ଏମାନେ "ତାଡ଼ିତୁନା" ବୋଲି କହିଥାନ୍ତି । ଏ ଦିନ ଘର ଲିପାପୋଛା କରି ପରିଷ୍କାର କରିଥାନ୍ତି । ଘରର ଲୋକ ଆତ୍ମୀୟ ସ୍ୱଜନ ତଥା ବନ୍ଧୁବାନ୍ଧବ ମାନେ ନଖ, ବାଳ ଇତ୍ୟାଦି କାଟି ପରିଷ୍କାର ହୋଇଥାନ୍ତି ।

ଶବକୁ ବୋହିଥିବା ଲୋକ ମାନଙ୍କୁ "ନେଙ୍ଗୁଡୁସ୍ସି" ବୋଲି କହିଥାନ୍ତି । ଏହି ମୃତ୍ୟୁ କାଳୀନ ଅଶୁଚୀରୁ ରକ୍ଷା ପାଇବା ପାଇଁ ଏମାନଙ୍କୁ ଗୋଟିଏ କର୍ମ କରିବାକୁ ପଡ଼ିଥାଏ । "ନେଙ୍ଗୁଡୁସ୍ସି "ମାନେ ଗାଧୋଇ ଆସି ପାଦ ଉପରେ କାଣ୍ଡଶର ରଖି ଜଡ଼ାତେଲ ଓ କୁଏରୀ ଚାଉଳକୁ କୁକୁଡ଼ା ପକ୍ଷୀରେ ଘସି ସୂଚୀ ହୋଇଥାନ୍ତି । ଉକ୍ତ ଦିନ ଗ୍ରାମରେ ଭାଇଭାଇ ମାନଙ୍କୁ "ଭାଇଭାତ" ଭୋଜି ଖାଇବାକୁ ଦେବାକୁ ପଡ଼ିଥାଏ । ଭୋଜିରେ ଘୋଡ଼ ବା ଛେଳି ମାଂସ ନିଶ୍ଚିତ ହେବା ଦରକାର । ଭୋଜି ଖାଇବା ପୂର୍ବରୁ ଡୁମାଙ୍କୁ ପ୍ରଥମେ ପୂଜା କରି ଭୋଗ ରୂପେ ଭୋଜିରୁ କିଛି ଖାଇବାକୁ ଦେଇଥାନ୍ତି ।

ଗୋଟିଏ ଶିଶୁର ମୃତ୍ୟୁରେ ଏ ସମସ୍ତ କର୍ମ କରାଯାଇଥାଏ । ମାତ୍ର ଶୁଦ୍ଧିକ୍ରିୟା ଆଠଦିନ ପରିବର୍ତ୍ତେ ୨/୪ ଦିନରେ କରିଥାନ୍ତି । ବଡ଼ ବେମାରୀ ଭୋଗୁଥିବା ଲୋକର ମୃତ୍ୟୁ କାଳୀନ ଶୁଦ୍ଧିକ୍ରିୟାରେ ଏତିକି ମାତ୍ର ପାର୍ଥକ୍ୟ ଯେ ତାକୁ ନ ପୋଡ଼ି ଡଲେଣୀ (ଶ୍ମଶାନ)ରେ ଗାତ ଖୋଳି ପୂର୍ବକୁ ମୁଣ୍ଡରଖି ପୋତି ଦେଇଥାନ୍ତି ।

## ୭- ଗୃହ ନିର୍ମାଣ

ନିରାପଦରେ ବାସ କରିବା ପାଇଁ ମଣିଷର ଗୋଟିଏ ଘର ଆବଶ୍ୟକ । ମାତ୍ର ଉକ୍ତ ଘର ଯେପରି ଅଶୁଭ ସ୍ଥାନରେ ନିର୍ମାଣ କରାନଯାଏ ବା କୌଣସି ଅନିଷ୍ଟକାରୀ ଶକ୍ତିର କୋପଦୃଷ୍ଟି ନ ପକାଏ ଏହା ପ୍ରତି କୁଟିଆ କନ୍ଧମାନେ ବେଶ ସଚେତନ ରହିଥାନ୍ତି । ଏଥିପାଇଁ ଏମାନେ ଗୃହ ନିର୍ମାଣ ପରେ ଉକ୍ତ ଘରେ ନିଜର ପିତୃ ପୁରୁଷଙ୍କୁ ଏକ ଉତ୍ତର-ପୂର୍ବ ଦିଗରେ ସ୍ୱତନ୍ତ୍ର ସ୍ଥାନ ଦେଇ ସର୍ବଦା ପୂଜା କରିଥାନ୍ତି । ପୂର୍ବ ପୁରୁଷମାନେ ସୁବିଧା ଅସୁବିଧା ସମୟରେ ରକ୍ଷା କରିବାରେ ସେମାନଙ୍କୁ ସହାୟକ ହୋଇଥାନ୍ତି ।

ପୁରାତନ ଘରଛାଡ଼ି ନୂତନ ଘର ନିର୍ମାଣ କରିବା ପୂର୍ବରୁ ଉକ୍ତ ସ୍ଥଳୀରେ ପୂଜାକରି ପ୍ରଥମେ ଗୃହ ନିର୍ମାଣ ପାଇଁ ଶୁଭକି ଅଶୁଭ ନିର୍ଣ୍ଣୟ କରିଥାନ୍ତି । କୁଟିଆ ମାନେ ଗୋଟିଏ ଘର କାହିଁକି ଗୋଟିଏ ସ୍ଥାନ ଛାଡ଼ି ଅନ୍ୟ କେଉଁଠି ଗୋଟିଏ ଗ୍ରାମ ବା ବସ୍ତିକରି ରହିବାକୁ ଇଚ୍ଛାକଲେ ମଧ୍ୟ ସେମାନେ ପ୍ରଥମେ ଉକ୍ତ ସ୍ଥଳୀର ଶୁଭାଶୁଭ ପରୀକ୍ଷା କରି ନେଇଥାନ୍ତି । ଶୁଭାଶୁଭ ପରୀକ୍ଷାରେ ଯଦି ଉକ୍ତ ସ୍ତାନ ଅଶୁଭ ବୋଲି ପ୍ରମାଣିତ ହୁଏ ତେବେ ସେମାନେ ସେ ସ୍ଥାନକୁ ଘର ବା ବସ୍ତି ପାଇଁ ଉପଯୁକ୍ତ ମନେ କରିନଥାନ୍ତି । ସେମାନେ ସେ ସ୍ଥାନରେ ଗୃହ ବା ବସ୍ତି ନିର୍ମାଣ ନକରି ଅନ୍ୟ କେଉଁଠି ଶୁଭାଶୁଭ ପରୀକ୍ଷା କରି ସେଠାରେ ବସ୍ତି ସ୍ଥାପନ କରିଥାନ୍ତି । କୁଟିଆମାନଙ୍କର ଉକ୍ତ ସ୍ଥାନ ନିରୂପଣ ପରୀକ୍ଷାଟି ଅତି ସହଜ ଉପାୟରେ ହୋଇଥାଏ । ତାହା ନିମ୍ନରେ ବର୍ଣ୍ଣିତ ହୋଇଅଛି ।

ପ୍ରଥମେ ଯେଉଁ ସ୍ଥଳୀରେ ଘର ନିର୍ମାଣ କରିବାକୁ ଚାହିଁଥାନ୍ତି ସେଠାରେ ଗୋଟିଏ ଛୋଟିଆ ଗାତ ଖୋଳିଥାନ୍ତି । ସାତୋଟି ଅକ୍ଷତ ଅରୁଆ ଚାଉଳକୁ ଆଣି ଗୋଟିଏ ଶାଳ ପତ୍ର ଉପରେ ରଖି ଏହା ଉପରେ ଆଉ ଗୋଟିଏ ଶାଳ ପତ୍ର ଘୋଡ଼ାଇ ଗାତ ଭିତରେ ଅତି ଯତ୍ନ ସହକାରେ ରଖିଦେଇଥାନ୍ତି । ଗାତର ଉପରିଭାଗରେ ଗୋଟିଏ ବଡ଼ ପଥର ଢ଼ଙ୍କାଇ ରଖିଥାନ୍ତି । ଯେପରି ଏହି ଚାଉଳ ଗୁଡ଼ିକ ବାହ୍ୟ ଶକ୍ତି ଦ୍ୱାରା ଏପଟ ସେପଟ ନ ହୋଇଯାଏ । ଏପରି କାର୍ଯ୍ୟ ପ୍ରାୟ ସନ୍ଧ୍ୟା ପୂର୍ବରୁ କରିଥାନ୍ତି । ପରବର୍ତ୍ତୀ ଦିନ ସକାଳବେଳା ସେମାନେ ଏ ପଥର କାଢ଼ି ଦେଖନ୍ତି; ଯଦି ଚାଉଳ ଗୁଡ଼ିକ ପ୍ରଥମେ ଯେଉଁ ଅବସ୍ଥାରେ ରଖାଯାଇଥିଲା ସେପରି ଅଛି କିମ୍ବା କିଛି ଏପଟ ସେପଟ ହୋଇଛି । ଯଦିବା ଚାଉଳ ଗୁଡ଼ିକ କିଞ୍ଚିତ ଏପଟ ସେପଟ ହୋଇଥାଏ, ତେବେ ଉକ୍ତ ସ୍ଥାନ ଗୃହ ନିର୍ମାଣ ପାଇଁ ଅନୁପଯୁକ୍ତ ବୋଲି ବିଶ୍ୱାସ କରିଥାନ୍ତି । ମାତ୍ର ଚାଉଳ ଗୁଡ଼ିକ ଯେପରି ଥୁଆଯାଇଥିଲା ଯଦି ସେପରି ଥାଏ ତେବେ ସେମାନେ ସେ ସ୍ଥାନ ଗୃହ ନିର୍ମାଣ ପାଇଁ ଉପଯୁକ୍ତ ବୋଲି ବିଶ୍ୱାସ କରି ତୁରନ୍ତ ଗୃହ ନିର୍ମାଣରେ ଲାଗିପଡ଼ନ୍ତି । ଏହି ଶୁଭା ଶୁଭ ପରୀକ୍ଷା କାର୍ଯ୍ୟ ବ୍ୟକ୍ତିଗତ ଘର ନିର୍ମାଣ ପାଇଁ ଗୃହସ୍ୱାମୀ କରୁଥିବା ବେଳେ ଗ୍ରାମ ବା ବସ୍ତି ବସାଇବା ପାଇଁ ଗ୍ରାମର ଜାନି କରିଥାନ୍ତି ।

ସେମାନଙ୍କ ଗୃହ ତିନି ଗୋଟି କୋଠରୀ ବିଶିଷ୍ଟ । ସାମ୍ନାପଟ ଛୋଟ କୋଠାରୀକୁ "ଡାପା" କହିଥାନ୍ତି । ଏହାକୁ ବସା ଉଠା ପାଇଁ ବ୍ୟବହାର କରିଥାନ୍ତି । ପଛପଟ ଛୋଟ ଘରକୁ "ଜକ" କହିଥାନ୍ତି । ଏହା ସାଧାରଣତଃ ବହୁସମୟରେ ରଜୋବତି ମହିଳା ଓ ପ୍ରସୂତି

ମହିଳାଙ୍କ ବ୍ୟବହାରରେ ଅସିଥାଏ । ମଝି କୋଠରୀ, ଯେଉଁଟାକି ଘରର ସବୁଠାରୁ ବଡ଼ କୋଠରୀ ତାକୁ ଶୋଇବା, ଜନିଷ ପତ୍ର ରଖିବା, ଏହାର ଗୋଟିଏ କୋଣରେ ପିତୃପୁରୁଷଙ୍କୁ (ଡୁମା) ପୂଜା କରିବା ଭଳି କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ନୂତନ ଗୃହ ନିର୍ମାଣ ପରେ ଗୃହ ପ୍ରବେଶ ପୂର୍ବରୁ ଘରକୁ ପୂଜାପାଠ କରି ଗ୍ରାମବାସୀଙ୍କୁ ଗୋଟିଏ ଛୋଟ କାଟିଆ ଭୋଜି ଦେଇ ଗୃହ ପ୍ରବେଶ କରିଥାନ୍ତି । ଯଦି କୌଣସି ଘରେ ନିୟମିତ ଭାବରେ ପରିବାରର ଲୋକ ମାନେ ମରୁଥାନ୍ତି, ତେବେ ସେ ଘର ଉପରେ କୌଣସି ଅନିଷ୍ଟକାରୀ ଦେବାଦେବୀଙ୍କର କୋପ ଦୃଷ୍ଟି ପଡ଼ିଛି ବୋଲି କୁଟିଆମାନେ ବିଶ୍ୱାସ କରିଥାନ୍ତି । ଏବଂ ଉକ୍ତ ଘରକୁ କିଛି ବର୍ଷ ପାଇଁ ତ୍ୟାଗକରି ନୂତନ ଗୃହ ନିର୍ମାଣକରି ସେଠାକୁ ପଳାଇଯାନ୍ତି । ମାତ୍ର ଗୃହତ୍ୟାଗ କରିବା ପୂର୍ବରୁ ପ୍ରଥମେ ସେମାନେ ଜାନି କିମ୍ବା କୁଟକା ମଧରେ ଅନିଷ୍ଟକାରୀ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ଓ ବଳିଦାନକରି ଶାନ୍ତ କରିବାକୁ ଚେଷ୍ଟାକରିଥାନ୍ତି । ଏହାପରେ ଯଦି ସୁଫଳ ନହୁଏ ତେବେ ସେଗୃହକୁ ତ୍ୟାଗ କରିଥାନ୍ତି ।

## ୮- ରୋଗ ବ୍ୟାଧି ନିରାକରଣ

ରୋଗବ୍ୟାଧିକୁ ନିୟନ୍ତ୍ରଣ କରିବା ପାଇଁ କୁଟିଆ ସମାଜରେ ବେଜୁ ବା କୁଟାକା (ଗୁଣିଆ) ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । କୁଟାକା ଯେ କେହି ହୋଇ ପାରିନଥାନ୍ତି । ଯେଉଁମାନେ ଦେବତା ମାନଙ୍କର ଆଶିର୍ବାଦ ଲାଭ କରିଥାନ୍ତି ସେମାନେ କୁଟାକା ଓ ବେଜୁଣୀ (ସ୍ତ୍ରୀ ଗୁଣିଆ) ହୋଇଥାନ୍ତି । କୁଟିଆ ସମାଜରେ ଏମିତି ନିୟମ ନାହିଁ

ଯେ ଗୋଟିଏ କୁଟାକାର ପୁଅ ପୁଣି କୁଟାକା ହେବା ଦରକାର । ମାତ୍ର ଏଥିପାଇଁ ପ୍ରଥମେ ଦେବତାଙ୍କର ଆର୍ଶିବାଦ ଆବଶ୍ୟକ । କୁଟାକା ମାନେ ଯେ କୌଣସି ପ୍ରକାର ରୋଗ ବ୍ୟାଧିକୁ ଭଲ କରିବା ପାଇଁ ପ୍ରଥମେ ପୂଜିତ ଦେବା ଦେବୀଙ୍କର ନାମ ନେଇ ବିଭିନ୍ନ ପ୍ରକାର ଚେରମୂଳିକା ଜଡ଼ିବୁଟି ରୋଗୀକୁ ଦେଇଥାନ୍ତି ଓ ଆବଶ୍ୟକ ସ୍ଥଳରେ ବଳି ମଧ୍ୟ ଅର୍ପଣ କରିଥାନ୍ତି ।

କୁଟିଆ ସମାଜରେ କୁଟାକା ମାନେ ରୋଗ ବ୍ୟାଧିକୁ କିପରି ଭାବେ ପ୍ରତିରୋଧ କରିଥାନ୍ତି ତାହାର କୋଟୋଟି ଦୃଷ୍ଟାନ୍ତ ନିମ୍ନରେ ବର୍ଣ୍ଣିତ ହୋଇଅଛି ।

**କ- ଜ୍ୱର**

ଜଣକୁ ଜ୍ୱର ହୋଇଥିଲେ କୁଟକା ପ୍ରଥମେ କିଛି ଜଡ଼ି ବୁଟି ରୋଗୀକୁ ଦେବତାଙ୍କ ନାମରେ ଖାଇବାକୁ ଦେଇଥାଏ । ଏହା ଦ୍ୱାରା ଯଦି ଜ୍ୱର ଭଲ ନ ହୁଏ, ତେବେ କୁଟାକା ଜ୍ୱର ଉଡ଼ାଣ ମନ୍ତ୍ର ଫୁଙ୍କି ଜ୍ୱର ଉଡ଼ାଣ କରିଥାନ୍ତି । ଦେବତାମାନଙ୍କର ନାମ ନେଇ ମନ୍ତ୍ର ଫୁଙ୍କୁଥିବା ସମୟରେ ମଝିରେ ମଝିରେ ରୋଗୀର ମୁହଁକୁ ଗୋଟିଏ ଲେଖାଏଁ ଫୁଙ୍କା ମାରି ହାତରେ ଆଙ୍ଗୁଠି ସାହାଯ୍ୟରେ ଟିପା ମାରୁଥାନ୍ତି ।

**ମନ୍ତ୍ର**

ସୁରୁପେନୁ, ଧରତି ପେନୁ, ମାଲାପେନୁ, ଆଡ଼ାବାଇ, କାଲି ସୁନ୍ଦରୀ ଦେବୀପେନୁ, କୁଟି ପେନୁ, ଗଙ୍ଗି ପେନୁ, ରାକାସି

ପେନ୍ତ, ମାଇଲିପେନ୍ତ, ପ୍ରଭୃତିଙ୍କ ନାମ ଧରି ୩ ଥର ପୁଙ୍କିଥାନ୍ତି । ଏହା ଦ୍ୱାରା ରୋଗୀ ଭଲ ହୋଇ ଯାଇଥାଏ । ଯଦି ଭଲ ନହୁଏ, ତେବେ କେଉଁ ଦେବତା ଲାଗିବା ଦ୍ୱାରା ଏପରି ଜ୍ୱର ହେଉଛି ବୋଲି କୁଟକା ପରାମର୍ଶ ଦେଇଥାନ୍ତି । କେଉଁ ଦେବତା ଲାଗିଛି ଜାଣିବା ପାଇଁ ଗୋଟିଏ ପରୀକ୍ଷା କରିଥାନ୍ତି । ଏଥିପାଇଁ ସେ ଗୋଟିଏ କୁଲା ଆଣି ସେଥିରେ ବିଭିନ୍ନ ଦେବତାଙ୍କ ନାମକୁ ଧରି ଦୁଇଟି ଲେଖାଏଁ ଚାଉଳ ଫିଙ୍ଗିଥାନ୍ତି । କୁଲା ଭିତରେ ଯେଉଁ ଦୁଇଟି ଚାଉଳ ଯୋଡ଼ିହୋଇ ରହିବ ସେହି ଦେବତା ଗ୍ରାସିଛି ବୋଲି ଜଣା ପଡ଼ିଥାଏ । ଉକ୍ତ ଗ୍ରାସିଥିବା ଦେବତା କ'ଣ ବଳି ପାଇଲେ ଯିବ ତାହା କୁଟାକା ସଙ୍ଗେ ସଙ୍ଗେ ଜଣାଇଥାଏ । କୁଟାକା ଦେବତା ମାଗିଥିବା ଘୁଷୁରି/ପାରା/ବୋଦା/ କୁକୁଡ଼ା ସହିତ ପୂଜା ସାମଗ୍ରୀ ଧରି ଗ୍ରାମ ବାହରେ ଦୋଛକି (ଗିରିଦେଢ଼ା)ରେ ଉକ୍ତ ଦେବତାଙ୍କ ନାମରେ ପୂଜା କରି ବଳି ଦାନକଲେ ରୋଗ ପରିଦିନ ସକାଳକୁ ନିଶ୍ଚିତ ରୂପେ ଭଲ ହୋଇଥାଏ ବୋଲି କୁଟିଆମାନେ ବିଶ୍ୱାସ କରିଥାନ୍ତି ।

ଖ- ଦେହବିନ୍ଧା କିମ୍ବା ରକ୍ତ ପିଣ୍ଡୁଳା ହୋଇଥିଲେ

ଏପରି କ୍ଷେତ୍ରରେ କୁଟାକାର ଚିକିତ୍ସା ପଦ୍ଧତି ଅତି ଚମତ୍କାର ହୋଇଥାଏ । ରୋଗୀର ଯେଉଁ ସ୍ଥାନରେ ରକ୍ତ ପିଣ୍ଡୁଳା ହୋଇ ବିନ୍ଧା ଛିଟିକା କରୁଥାଏ, ସେଠାରେ କୁଟାକା ଗୋଟିଏ କାଣ୍ଡଶର ଅଗ୍ରଭାଗକୁ ରଖି ଶରର ଅଧାରେ ମୁହଁଲଗାଇ ଠାକୁରଙ୍କ ନାମନେଇ ଜମାଟ ରକ୍ତ କୁ ଶୋଷି ପାଟିବାଟେ ବାହାର କରିଥାଏ । ମାତ୍ର ରୋଗୀର କୌଣସି

ଠାରେ କ୍ଷତ ହୁଏ ନାହିଁ । ଏପରି କରିବା ଦ୍ୱାରା ରୋଗୀର ଫୁଲା ଓ ବିନ୍ଧା ଛିଟିକା ଶୀଘ୍ର ଉପଶମ ହୋଇଥାଏ ବୋଲି କୁଟିଆ ମାନେ ବିଶ୍ୱାସ କରିଥାନ୍ତି ।

ଗ- କୁଷ୍ଠରୋଗ

କୁଷ୍ଠ ରୋଗକୁ ଭଲ କରିବା ପାଇଁ କୁଟାକା ପ୍ରଥମେ କାଣ୍ଡଶର ମୁନକୁ ରୋଗୀର କ୍ଷତ ସ୍ଥାନର ଉପରି ଭାଗରେ ଆସ୍ତେ ରଖି ଶରର ଅଧାରେ ମୁହଁ ଲଗାଇ କଳାକଳା ପୋକ କୁ ବାହାର କରିଥାନ୍ତି । ରୋଗାମରା ଗଛର ଛାଲିକୁ କ୍ଷତ ସ୍ଥାନରେ ବାଟିକରି ଲଗାଇଥାଏ । ଦ୍ୱିତୀୟ ଥର କୁଟାକା ଗୋଟିଏ କୁକୁଡ଼ାର ନଖ ଆଙ୍ଗୁଠି କାଟି କ୍ଷତ ସ୍ଥାନରେ ଲଗାଇ ଦେଲେ ରୋଗୀ ନିଶ୍ଚିନ୍ତ ରୂପେ ଆରୋଗ୍ୟ ଲାଭ କରିଥାଏ ବୋଲି କୁଟିଆ କୁଟାକା ଠାରୁ ପ୍ରକାଶ ।

ଘ- ଦାନ୍ତରୋଗ

କାହାରିକୁ ଏପରି ରୋଗ ହୋଇଥିଲେ କୁଟାକା ପୂର୍ବ ପଦ୍ଧତି ଅନୁସାରେ କାଣ୍ଡ ଶର ଗାଲ ବାହାର ଅଂଶରେ ଲଗାଇ ପୋକ ବାହାର କରି "ଡ଼ିଣ୍ଡିକିଆ" ଗଛର ଚେରକୁ ବାଟି ଦାନ୍ତରେ ଚୋବେଇ ଖାଇବାକୁ ଦେଇଥାଏ ।

ଙ- ପେଟ କାମୁଡ଼ା (ପେଟଦ୍ରୁକା)

ପେଟର ବାହାର ଅଂଶରେ ଶରମୁନକୁ ରଖି ପୂର୍ବ ପଦ୍ଧତି ଅନୁସାରେ କୁଟାକା ଝିଂକିକରି ପୋକ ବାହାର କରିଥାନ୍ତି । ରୋଗୀକୁ

''ନାଗବେଲ'' ଗଛର ଚେରକୁ ବାଟିକରି ୩/୪ ଥର ଖାଇବାକୁ ଦେଲେ ପେଟ ବ୍ୟଥା ରୋଗ ଭଲ ହୋଇଥାଏ ।

ଚ- ଘରେ ଦେବତା ଲାଗି ବହୁତ ଲୋକ ମଲେ (ପେନୁ ସର୍‌ଓଜାତେ)

ଏହାର ପ୍ରତିକାର ପାଇଁ କୁଟାକା ପ୍ରଥମେ ତାର ଆଜ୍ଞାବାହୀ ପୂଜିତ ଦେବତାମାନଙ୍କ ନାମକୁ ଧରି ଡ଼ାକିଥାନ୍ତି । ଏହି ଦେବତାମାନେ ହେଉଛନ୍ତି ଲାଦେଢ଼ି, କାରାମାର୍, ନଚାଦଙ୍ଗା, ତାଡ଼ଙ୍ଗା, ପିଜୁପାଡ଼ୀ, କୁଟୁକାଜୁ, ସାରାଙ୍ଗା ସାହୁ, ପିଜୁ ସାରୁଙ୍ଗା, ସିଂଗ୍ ଲୁଲୁ ଓ ଡୁଙ୍ଗୁର୍ କମୁ । ଏହି ଦେବତା ମାନଙ୍କୁ ଡ଼ାକିବା ଦ୍ୱାରା କେଉଁ ଦେବତା ଗ୍ରାସିଛି, ସେ ସମ୍ବନ୍ଧରେ କହିଥାନ୍ତି ।

ଘରେ ଗ୍ରାସିଥିବା ଦେବତାମାନେ ହେଲେ ମରଡ଼ି ପେନୁ, କାମାଆତା ଓ ଠାକୁରାଣୀ । କୁଟାକା ଏମାନଙ୍କୁ ପଚାରିଥାନ୍ତି ''ତୁ କାହିଁକି ଏ ଘରେ ଗ୍ରାସିଛୁ ଓ କ'ଣ ଦେଲେ ଯିବୁ'' । ମୋତେ ଅମକ ଦେଲେ (ବୋଦା/କୁକୁଡ଼ା/ପାରା/ଘୁଷୁରି) ମୁଁ ଏ ଘର ଛାଡ଼ି ଚାଲିଯିବି ବୋଲି କହିଥାନ୍ତି । ଏହା ପରେ କୁଟାକା (ବେଜୁ) ଗ୍ରାମ ବାହାରେ ଦୋ ଛକିରେ ପୂଜା ଅର୍ଚ୍ଚନା କରି ମାଗି ଥିବା ଜୀବକୁ ବଳିଦାନ କଲେ ଘରୁ ଦେବତା ଦୂର ହୋଇଥାଏ ।

ଛ- ବାନ୍ତି

କାହାରିକୁ ବାନ୍ତି ହେଉଥିଲେ କୁଟାକା (ବେଜୁ) ତାର ପୂଜିତ ଆରାଧ ଦେବତାଙ୍କ ନାମଧରି ରୋଗୀକୁ ୩/୪ ଥର ''ନାଗବେଲା''

ଗଛର ଚେରକୁ ବାଟି ପିଇବାକୁ ଦେଲେ ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରିଥାଏ ।

### ୩- ହଟାତ୍ କଟି ରକ୍ତ ବନ୍ଦ ନ ହେଉଥିଲେ

କୁଟାକା ଏଥିପାଇଁ ଠାକୁରଙ୍କ ନାମ ଧରି ''ରକ୍ଷଣ'' ଗଛର ଛେଲିକୁ ଆଣି ଶିଳରେ ବାଟିକରି କ୍ଷତ ସ୍ଥାନରେ ପ୍ରଲେପ ଦେଲେ ରକ୍ତସ୍ରାବ ନିମିଷକେ ବନ୍ଦ ହୋଇଥାଏ । ଏବଂ କ୍ଷତସ୍ଥାନ ଶିଘ୍ର ଶୁଖି ଯାଇଥାଏ ।

### ୪- ଭାଲୁକାମୁଡ଼ିଲେ

ଭାଲୁ କାମୁଡ଼ା ପାଇଁ କୁଟାକାର ପରାମର୍ଶ ହେଲା କଦ (ଗୋଟିଏ ପ୍ରକାର ଶସ୍ୟ) ଏକ କୁଟି ପରିମାଣରେ ଭାତ ରାନ୍ଧି ଭାଲୁ କାମୁଡ଼ିବା ସ୍ଥାନରେ ପ୍ରଲେପନ କରିବା । ଏହା ଦ୍ୱାରା ଭାଲୁ କାମୁଡ଼ାରେ ସୃଷ୍ଟି ହୋଇଥିବା କ୍ଷତ ସ୍ଥାନ ଶୀଘ୍ର ଶୁଖି ଭଲ ହୋଇଥାଏ ।

### ୫- ସାପ ବିଷ

କାହାରିକୁ ସାପ କାମୁଡ଼ିଥିଲେ ଏହାର ବିଷ କଟାଇବା ପାଇଁ କୁଟାକା ଗୋଟିଏ ଛଣ (ଖଡ଼) ଆଣି ତାକୁ ସାତ ଖଣ୍ଡ କରି ମନ୍ତ୍ର ଦ୍ୱାରା ପୁକିଥାନ୍ତି । ରୋଗୀ ଦେହରେ ସାପ ବିଷ ଥିଲେ ଖଣ୍ଡେ ଛଣ ବଢ଼ି ଯାଇଥାଏ । ଏହି ବୃଦ୍ଧି ପାଇଥିବା ଅଂଶକୁ କାଟି ପୂନର୍ବାର ମନ୍ତ୍ର ପଢ଼ିଥାନ୍ତି । ଯେ ପର୍ଯ୍ୟନ୍ତ ସାପ ବିଷ ନ କଟିଛି, ସେ ପର୍ଯ୍ୟନ୍ତ ଛଣ

ବଢ଼ିଥାଏ । ଏପରି ବାରମ୍ବାର କରିବା ଦ୍ୱାରା ସାପ ବିଷ ସମ୍ପୂର୍ଣ୍ଣ ରୂପେ କଟି ଯାଇଥାଏ ଏବଂ ରୋଗୀ ଶୀଘ୍ର ସାପ କାମୁଡ଼ାରୁ ଆରୋଗ୍ୟ ଲାଭ କରିଥାଏ ।

●●●